ବର୍ଷ-୨୫, ସଂଖ୍ୟା-୩୬
ଭୁବନେଶ୍ୱର
୦୬, ଫେବୃଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 36
Bhubaneswar
06 February, 2025,Thursday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି
ପ୍ରଥମ ଦିନିକିଆ

ଏକଜିଟ୍ ପୋଲ୍‌ରେ ବିଜେପିକୁ ବହୁମତ, ଆପ୍‌କୁ ଝଟ୍‌କା

ନୂଆଦିଲ୍ଲୀ,୫।୨(ମହାଭାରତ): ଦିଲ୍ଲୀ ବିଧାନସଭାର ମୋଟ ୭୦ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୯୯ ପ୍ରାର୍ଥୀଙ୍କ ଭାଗ୍ୟ ଆଜି ଇଭିଏମ୍‌ରେ କଏଦ ହୋଇଛି। ସାଢ଼େ ୫ଟା ସୁଦ୍ଧା ଦିଲ୍ଲୀରେ ୫୭.୭୦ ପ୍ରତିଶତ ମତଦାନ ହୋଇଛି। ଉତ୍ତର-ପୂର୍ବ ଦିଲ୍ଲୀରେ ସର୍ବାଧିକ ୬୩.୮୩ ପ୍ରତିଶତ ଭୋଟ ପଡ଼ିଥିବା ବେଳେ ସାହଦରାରେ ୬୧.୩୫%, ଦକ୍ଷିଣ-ପଶ୍ଚିମ ଦିଲ୍ଲୀରେ ୫୮.୮୬%, ଉତ୍ତର-ପଶ୍ଚିମ ଦିଲ୍ଲୀରେ ୫୮.୦୫% ଏବଂ ଉତ୍ତର ଦିଲ୍ଲୀରେ ୫୭.୨୪ ପ୍ରତିଶତ ଭୋଟ ପଡ଼ିଥିବା ସୂଚନା ମିଳିଛି। ଆସନ୍ତା ୮ ତାରିଖରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ତାହା ପୂର୍ବରୁ ସମସ୍ତଙ୍କ ମନରେ ଏଥର ଦିଲ୍ଲୀରେ କିଏ ସରକାର ଗଠନ କରିବା ନେଇ ପ୍ରଶ୍ନ ଉଠୁଛି ଯାହାକୁ ନେଇ ଏକଜିଟ୍ ପୋଲ ସର୍ଭେ ଆସିବା ଆରମ୍ଭ ହୋଇଛି। ଏଥିରେ ଆମ ଆଦମୀ ପାର୍ଟି ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ପରି ମନେ ହେଉଛି।ଅଧିକାଂଶ ସର୍ଭେ କହୁଛି ଯେ ଦିଲ୍ଲୀରେ ଭାଜପା ସରକାର ଗଠନ କରିପାରେ। ଦୀର୍ଘ ୨୬ ବର୍ଷ ପରେ ବିଜେପି ପୁଣି ଥରେ ଶାସନ କ୍ଷମତାକୁ ଫେରିବା ସମ୍ଭାବନା ଦେଖାଦେଇଛି।

ସନ୍ଧ୍ୟା ୬ଟା ଭୋଟିଂ ଶେଷ ହେବାର ସମୟ ରହିଥିଲା।ତଥାପି ଅନେକ ବୁଥରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସମୟ ଶେଷ ହୋଇଥିଲେ ହେଁ ଧାଡ଼ିରେ ଥିବା ଲୋକମାନେ ଭୋଟ ଦେବେ। କିନ୍ତୁ ସନ୍ଧ୍ୟା ୬ଟା ଯାଏ ଭୋଟିଂ ସମୟ ଥିବାରୁ ବିଧିବଦ୍ଧ ଭାବେ ଦିଲ୍ଲୀ ନିର୍ବାଚନ ଶେଷ ହୋଇଛି।

ଭୋଟିଂ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ଜାରି କରାଯାଇଛି। ଅଧିକାଂଶ ସର୍ଭେ ସଂସ୍ଥା ଦିଲ୍ଲୀରେ ଅରବିନ୍ଦ କେଜ୍ରିଲଙ୍କ ଆପ୍‌କୁ ହ୍ୟାଟ୍ରିକ ବିଜୟ ମିଳିବ ନାହିଁ ବୋଲି ଆକଳନ କରିଛନ୍ତି। ସେହିପରି ବିଜେପି ଦିଲ୍ଲୀ ବିଜୟ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଏଥର ସାକାର ହେବ ବୋଲି ଏକଜିଟ ପୋଲରେ ଦାବି କରାଯାଇଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଏଥର ମଧ୍ୟ ଦିଲ୍ଲୀରେ ନୈରାଶ୍ୟଜନକ ରେଜଲ୍ଟ କରିବ। ୨୦୧୩ରେ ଆପ୍ ପ୍ରଥମଥର ଦିଲ୍ଲୀରେ କ୍ଷମତା ଦଖଲ କରିଥିଲା। ଏହି ସମୟରେ ଦଳ କଂଗ୍ରେସ ସମର୍ଥନରେ ସରକାର କରିଥିଲା। କିନ୍ତୁ ଅରବିନ୍ଦ କେଜ୍ରିୱାଲ ମାତ୍ର କିଛି ଦିନ ପରେ ଇସ୍ତଫା ଦେବାରୁ ୨୦୧୫ରେ ପୁଣି ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୫ରେ ଆପ୍ ଏକାକୀ ରେକର୍ଡ ୬୭ଟି ଆସନ ଜିତିଥିଲା। ବିଜେପି ୩ଟି ଓ କଂଗ୍ରେସ ଖାତା ଖୋଲି ପାରି ନଥିଲା। ୨୦୨୦ରେ ଆପ୍ ପୁଣି ୬୨ଟି ଓ ବିଜେପି ୮ଟି ଆସନରେ ବାଜିମାତ କରିଥିଲା।

୨୦୨୫ରେ ବିଜେପି ଜତିବା ସହ ୨୭ ବର୍ଷ ପରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକଜିଟ ପୋଲରେ କୁହାଯାଇଛି। ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ପଦ୍ମ ଫୁଟାଇବାକୁ ସକ୍ଷମ ହେବ। କିନ୍ତୁ ମ୍ୟାଟ୍ରିଜ ନାମକ ସଂସ୍ଥା ଦିଲ୍ଲୀରେ କାଣ୍ଟେ କା ଟକ୍କର ହେବ ବୋଲି ଆକଳନ କରିଛି। ସେହିପରି ଡ୍ୱି ପ୍ରିସାଇଡ କହିଛି ଯେ ବିଜେପି ୧୮ରୁ ୨୩, ଆପ୍ ୪୬ରୁ ୫୨ ଓ କଂଗ୍ରେସ ଶୂନରୁ ୧ଟି ଆସନ ଜିତିବ।

ସୂଚନାଯୋଗ୍ୟ, ଦିଲ୍ଲୀରେ ମୋଟ ୭୦ଟି ବିଧାନସଭା ଆସନ ରହିଛି, ଯେଉଁଠାରେ ୬୯୯ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଏଥର ୯୬ ଜଣ ମହିଳା ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତ୍ତା କରୁଛନ୍ତି। ଦିଲ୍ଲୀରେ ମୋଟ ୧,୫୬,୧୪,୦୦୦ ଭୋଟର ଅଛନ୍ତି, ଯେଉଁଥିରୁ ୮୩,୭୬,୧୭୩ ପୁରୁଷ ଏବଂ ୭୨,୩୬,୫୬୦ ମହିଳା, ଯେତେବେଳେ ଅନ୍ୟାନ୍ୟ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି ୧,୨୬୭ ଦିଲ୍ଲୀରେ ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ସମସ୍ତ ୭୦ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତିତା କରୁଛନ୍ତି, କିନ୍ତୁ ଭାଜପା ୬୮ ଟି ଆସନରେ ଭାଗ୍ୟ ପରୀକ୍ଷା କରୁଛି ଭାଜପା ଏହାର ସହଯୋଗୀ ଦଳ ପାଇଁ ଦୁଇଟି ଆସନ ଛାଡିଥିଲା, ଯେଉଁଥିରେ ଦେଓଲି ଆସନରୁ ଏଲ୍‌ଜେପି ଏବଂ ବୁରାରି ଆସନରୁ ଜେଡିୟୁ ନିର୍ବାଚନ ଲଢୁଛି।

ମାର୍ଟିଜ୍ ଏକଜିଟ୍ ପୋଲ ଅନୁସାରେ ବିଜେପିକୁ ୩୫ରୁ ୪୦ ଆସନ, ଆପ୍ ୩୨ରୁ ୩୭ ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିବ ବୋଲି ଅନୁମାନ କରାଯାଇଛି। ଚାଣକ୍ୟ ଷ୍ଟ୍ରାଟେଜିସ୍ ଏକଜିଟ୍ ପୋଲ ଅନୁସାରେ ବିଜେପି ୩୯ରୁ ୪୪, ଆପ୍ ୨୫ରୁ ୨୮ ଏବଂ କଂଗ୍ରେସ ୨ରୁ ୩ ଆସନ ପାଇବ ସେହିପରି ପି-ମାର୍କ ଏକଜିଟ୍ ପୋଲରେ ବିଜେପି ୩୯ରୁ ୪୯, ଆପ ୨୧ରୁ ୩୧ ଏବଂ କଂଗ୍ରେସ ଗୋଟିଏ ଆସନ ପାଇବ। ସେହିପରି ପୋଲ ଡାଏରୀ ଅନୁସାରେ ବିଜେପିକୁ ୪୨ରୁ ୫୦, ଆପକୁ ୧୮ରୁ ୨୫ , କଂଗ୍ରେସକୁ ୨ ଆସନ ଏବଂ ଅନ୍ୟ ଦଳଙ୍କୁ ଗୋଟିଏ ଆସନ ମିଳିବ। ପିପୁଲ ପଲସ୍ ଅନୁସାରେ ବିଜେପିକୁ ୫୧ରୁ ୬୦, ଆପ୍‌କୁ ୧୦ରୁ ୧୯ ଆସନ ଏବଂ କଂଗ୍ରେସକୁ କେଣସି ଆସନ ମିଳିବ ନାହିଁ ଟାଇମ୍ସ ନାଓ ଅନୁସାରେ ବିଜେପିକୁ ୩୯ରୁ ୪୫, ଆପ୍‌କୁ ୨୨ରୁ ୩୧,ଏବଂ କଂଗ୍ରେସକୁ ୨ ଆସନ ମିଳିବ। ପିପୁଲ ଇନସାଇଟ୍ ଅନୁସାରେ ବିଜେପିକୁ ୪୦ରୁ ୪୪, ଆପ୍‌କୁ ୨୫ରୁ ୨୯ ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିବ।

ଏପରି ପରିସ୍ଥିତିରେ, ଏହା ଜାଣିବା ମଧ୍ୟ ଗୁରୁପୂର୍ଣ୍ଣ ଯେ ୨୦୧୫ ଏବଂ ୨୦୨୦ରେ ଶେଷ ଥର ପାଇଁ ଏକଜିଟ୍ ପୋଲ କେତେ ସଠିକ୍ ପ୍ରମାଣିତ ହୋଇଥିଲା।

୨୦୨୦ର ଅଧିକାଂଶ ଏକଜିଟ୍ ପୋଲ ଫଳାଫଳ ଆମ ଆଦମୀ ପାର୍ଟିର ବିଜୟ ହେବ ବୋଲି ପୂର୍ବାନୁମାନ କରିଥିଲା ଇଣ୍ଡିଆ। ଟୁଡେ-ଆକ୍ସିସ୍ ମାଇ ଇଣ୍ଡିଆ। ଅରବିନ୍ଦ କେଜ୍ରିଲଙ୍କ ଦଳ ପାଇଁ ସର୍ବାଧିକ ୫୯ରୁ ୬୮ ଆସନ ହେବ ବୋଲି ପୂର୍ବାନୁମାନ କରିଥିଲା। ଟାଇମ୍ସ ନାଓ ୪୭ଟି ଆସନରେ ବିଜୟ ହେବ ବୋଲି ପୂର୍ବାନୁମାନ କରିଥିଲା। ସେହି ସମୟରେ, ଅଧିକାଂଶ ଏକଜିଟ୍ ପୋଲ ଆପ୍ ୫୦ରୁ ଅଧିକ ଆସନ ଜିତିବ ବୋଲି ପୂର୍ବାନୁମାନ କରିଥିଲେ, ଯାହା ପ୍ରାୟତଃ ସଠିକ୍ ଥିଲା।କାରଣ ଆମ ଆଦମୀ ପାର୍ଟି ୭୦ଟି ଆସନ ମଧ୍ୟରୁ ୬୨ଟି ଜିତିଥିଲା।

ଶେଷ ଥର ପାଇଁ ୨୦୨୦ ମସିହାରେ, ଏବିପି ନ୍ୟୁଜ୍ ସି ଭୋଟରଙ୍କ ସହିତ ଏକ ଏକଜିଟ୍ ପୋଲ୍ କରିଥିଲା ଯେଉଁଥିରେ ଆମ ଆଦମୀ ପାର୍ଟିକୁ ୪୯ ରୁ ୬୩ ଆସନ ମିଳିବ ବୋଲି ଆକଳନ କରାଯାଇଥିଲା ଏବଂ ଦଳ ମଧ୍ୟ ୬୨ ଆସନ ଜିତିଥିଲା ସେହିପରି, ଇଣ୍ଡିଆ। ଟୁଡେ-ଆକ୍ସିସ୍ ମାଇ ଇଣ୍ଡିଆ। ଆପ ୫୯ ରୁ ୬୮ ଆସନ ଜିତିବ ବୋଲି ପୂର୍ବାନୁମାନ କରିଥିଲା ଯେତେବେଳେ ନ୍ୟୁଜ୍ ଏକ୍ସ-ପୋଲଷ୍ଟାଟ୍ ୫୦ରୁ ୫୬ଆସନ ଏବଂ ରିପବ୍ଲିକ୍-ଜନ କି ବାତ୍ ୪୬-୬୧ ଆସନ ପାଇବ ବୋଲି ପୂର୍ବାନୁମାନ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଉଛନ୍ତି।

ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକଙ୍କ ଘରେ ପୁଳା ପୁଳା ଟଙ୍କା

ମାଲକାନଗିରି,୫।୨(ମହାଭାରତ): ମାଲକାନଗିରିସ୍ଥିତ ଜଳଛାୟା ପ୍ରକଳ୍ପର ଉପନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ୧.୯୮କୋଟି ଟଙ୍କାର ନଗଦ ଅର୍ଥ ସହ ତାଙ୍କର ଭୁବନେଶ୍ୱର-ଜୟପୁରରେ ଥିବା ମୂଲ୍ୟବାନ ପ୍ଲଟ ଓ ଘରକୁ ଠାବ କରିଛନ୍ତି। ଯାହା ଭିଜିଲାନ୍ସ ଦ୍ୱାରା ଜବତ ହୋଇଥିବା ଚଳିତବର୍ଷର ସର୍ବାଧିକ ନଗଦ ଅର୍ଥ। ଆୟବର୍ହିଭୂତ ସଂପତ୍ତି ଠୁଳ ନେଇ ଅଭିଯୋଗ ପରେ ମାଲାକନଗିରି, ଜୟପୁର ଏବଂ ନବରଂଗପୁର ଭିଜିଲାନସ ପକ୍ଷରୁ ଚଢାଉ କରାଯାଇଛି। ଏହି ଚଢ଼ାଉରେ ୨ ଜଣ ଅତିରିକ୍ତ ଏସପି, ୪ ଜଣ ଡିଏସପି, ୧୦ ଜଣ ଇନସପେକ୍ଟର,୬ ଜଣ ଏଏସଆଇ ସମେତ ଅନ୍ୟ ସହଯୋଗୀ ଅଂଶଗ୍ରହଣ କରିଛନ୍ତି।

ପ୍ରକଳ୍ପ ଅଧିକାରୀ ଶାନ୍ତନୁ ମହାପାତ୍ରଙ୍କ ଜୟପୁରସ୍ଥିତ ତିନି ମହଲା କୋଠାରେ ଚଢ଼ାଉ କରାଯିବା ସହ ଅନ୍ୟ ସହକର୍ମୀ ସହକାରୀ ଯନ୍ତ୍ରୀ ମୋହନ ମଣ୍ଡଳ,ଡାଟା ଏଣ୍ଟ୍ରି ଅପରେଟର ଅଭିଜିତ ମଣ୍ଡଳ, ଠିକା କର୍ମଚାରୀ ଅମୀୟ ସାହୁ, ମାଲାକନଗିରି ଜଳ ବିଭାଜିକା କାର୍ଯ୍ୟାଳୟ, କଟକ ଜିଲ୍ଲାର ନୁଆପଡାର ପୈତୃକ ଘର, ଭୁବନେଶ୍ୱରର ସଂପକ୍ରୀୟଙ୍କ ଘରେ ଚଢ଼ାଉ ଏକାସଂଗେ କରାଯାଉଛି ଶ୍ରୀ ମହାପାତ୍ରଙ୍କ ଘରେ ଭିଜିଲାନସ ଟିମ ଟଙ୍କା ଦେଖି ଆଖି ଟେରା ହୋଇଯାଇଛି। ନଗଦ ୨ କୋଟି ଟଙ୍କା ମିଳିଥିବା ସୂଚନା ମିଳିଛି। ଏଥିସହ ୩୦୦ ଗ୍ରାମ ସୁନା, ୬୦୦୦ ବର୍ଗ ଫୁଟର ୩ ମହଲା କୋଠାଘର, ୪ଟି ଦାମୀ ପ୍ଲଟ ଭୁବନେଶ୍ୱର ଏବଂ ଜୟପୁରରେ, ଭୁବନେଶ୍ୱର ହଂସପାଳରେ ୩୩ ଡିସିମିଲର ପ୍ଲଟ, ଜୟପୁରରେ ଦୁଇଟି ପ୍ଲଟ, ୫୫ ଡିସିମିଲ ଜମି ଜୟପୁରରେ, ଗୋଟିଏ କାର, ଦୁଇଟି ମଟର ବାଇକ୍, ବ୍ୟାଙ୍କରେ ଟଂକା ଜମା ଏବଂ ଜୀବନ ବୀମା ନେଇ ତଦନ୍ତ ଚାଲିଥିବା ଜଣାପଡିଛି। ସେହିପରି ଅନ୍ୟ ସହଯୋଗୀମାନଙ୍କ ଘରେ ମଧ୍ୟ ଟଂକା ଏବଂ ଅନ୍ୟ ସାମଗ୍ରୀ ମିଳିଥିବା ସୂଚନା ମିଳିଛି।

୧୯୯୫ ଡିସେମ୍ବର ମାସରେ କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରୀ ମହାପାତ୍ର ୨୦୦୦ ମସିହା ପର୍ଯ୍ୟନ୍ତ ଖୋର୍ଦ୍ଧାରେ ଓ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ମାଲକାନଗିରିର ମାଥିଲିରେ ସହାୟକ ବିହନ ଉତ୍ପାଦନ ଅଧିକାରୀ, ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଜୟପୁରରେ ସହାୟକ ବିହନ ଉତ୍ପାଦନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ପଦୋନ୍ନତି ପାଇ ୨୦୧୬ ଜୁଲାଇରୁ ସହାୟକ ମୃତ୍ତିକ ସଂରକ୍ଷଣ ଅଧିକାରୀ ଭାବେ ବ୍ରହ୍ମପୁର ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ। ୨୦୨୦ରେ ପାରଳାଖେମୁଣ୍ଡିରେ ଓ ୨୦୨୧ ଅଗଷ୍ଟରେ ପୁଣିଥରେ ମାଲକାନଗିରିକୁ ମୃତ୍ତି ସଂରକ୍ଷଣର ଉପନିର୍ଦ୍ଦେଶକ ତଥା ଜଳଛାୟା ପ୍ରକଳ୍ପର ନିର୍ଦ୍ଦେଶକ ଭାବେ ବଦଳି ହୋଇଥିଲା। ଆଉ ମାତ୍ର ୨ବର୍ଷ ପରେ ଅବସର ନେବାକୁ ଥିବା ଶ୍ରୀ ମହାପାତ୍ର ନିଜ ଚାକିରିର ୨୧ବର୍ଷ କେବଳ ମାଲନାଗିରି-ଜୟପୁରରେ ବିତାଇଛନ୍ତି। ଏହା କିଭଳି କୃଷି ବିଭାଗ ଜାଣିପାରୁନଥିଲା ଓ ତାଙ୍କୁ କାହିଁକି କେବଳ ସେହି ଜିଲ୍ଲାରେ ନିଯୁକ୍ତି ଦିଆଯାଉଥିଲା ତାହା ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଟିକେଟ ପାଇଁ ଧସ୍ତାଧସ୍ତି

କଟକ,୫।୨(ମହାଭାରତ): ବାରବାଟୀ ଦିନିକିଆ। ପାଇଁ ଟିକେଟ ଖଣ୍ଡେ ପାଇବାକୁ ଖୁବ ଝାଳ ବୁହାଇଛନ୍ତି କ୍ରିକେଟ ଫ୍ୟାନ। କିନ୍ତୁ କ୍ରିକେଟ୍ ପ୍ରେମୀଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇବାରେ ବିଫଳ ହୋଇଛି ପୋଲିସ ଏବଂ ପ୍ରଶାସନ। ଏପରିକି ପରିସ୍ଥିତି ଏମିତି ହେଲା ଯେ, ୧୦ରୁ ଅଧିକ ଲୋକ ବେହୋସ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ୩ ଜଣ ପୋଲିସ ମଧ୍ୟ ଆହତ ହୋଇଛନ୍ତି। ଏହିଭଳି ଭାବେ ଚରମ ଅବ୍ୟବସ୍ଥା ଭିତରେ ବାରବାଟୀ ଦିନିକିଆ ଟିକେଟ୍ ବିକ୍ରି ହୋଇଛି। ଆଜିର ବିଶୃଙ୍ଖଳା ହୁଏତ ଆଗରୁ ଦେଖିବାକୁ ମିଳିନଥିଲା। ଏହିସବୁ ଅବ୍ୟବସ୍ଥା ଭିତରେ ସବୁ ଗ୍ୟାଲେରୀର ଟିକେଟ୍ ବିକ୍ରି ଶେଷ ହୋଇଛି। ଦିନକ ମଧ୍ୟରେ ସମସ୍ତ ଟିକେଟ୍ ବିକ୍ରି ଶେଷ ହୋଇ ଯାଇଥିବା ବେଳେ ଟିକେଟ୍ ଖଣ୍ଡେ ନ ପାଇ ନିରାଶ ହୋଇ ଫେରିଛନ୍ତି ହଜାର ହଜାର କ୍ରିକେଟ୍

ପ୍ରେମୀ।

ସର୍ବତମ ସୂଚନା ଅନୁଯାୟୀ, ପ୍ରଥମେ ଏକ ନମ୍ବର କାଉଣ୍ଟରରେ ଟିକେଟ୍ ବିକ୍ରି ଶେଷ ହୋଇଥିଲା। ଏଥିରେ ସ୍ପେଶାଲ ଏନକ୍ଲୋଜର, ଏସି ଗ୍ୟାଲେରୀ ବକ୍ସ ଟିକେଟ୍ , ନ୍ୟୁପାଭିଲିୟନ, କର୍ପୋରେଟ୍ ବକ୍ସର ଟିକେଟ୍ ଶେଷ ହୋଇଛି। ଏହା ପରେ ଗ୍ୟାଲେରୀ ୧, ୨, ୩, ୪ ଓ ୫ର ଟିକେଟ୍ ବିକ୍ରି ଶେଷ ହୋଇଥିଲା ପରେ ୭ ନଂ ଗ୍ୟାଲେରୀର କିଛି ଟିକେଟ୍ ରହିଥିବାରୁ କାଉଣ୍ଟରରେ ଶେଷ ହେବା ପର୍ଯ୍ୟନ୍ତ ଟିକେଟ୍ ବିକ୍ରି ଜାରି ରହିଥିଲା। ଯାହା ଏବେ ସଂପୂର୍ଣ୍ଣ ଶେଷ ହୋଇଛି। ଏ ନେଇ ସୂଚନା ଦେଇଛନ୍ତି ଡିସିପି ଜଗମୋହନ ମୀନା। ଦୁଇ ଦିନ ଟିକେଟ୍ ବିକ୍ରି ପାଇଁ ଦୁଇ ଦିନ ସମୟ ଧାର୍ଯ୍ୟ ହୋଇଥିବାବେଳେ ଦିନକରେ ସମସ୍ତ ଟିକେଟ୍ ବିକ୍ରି ଶେଷ ହୋଇଛି।

ମଙ୍ଗଳବାର ରାତିରୁ ଲାଗିଥିଲା ଗହଳି। ଆଉ ବୁଧବାର ସକାଳେ ଟିକେଟ କାଉଣ୍ଟର ଖୋଲିବା ମାତ୍ରେ ଯେମିତି ପରସ୍ପର ଉପରେ ଝପଟି ପଡିଲେ ଲୋକେ। ମାତ୍ର ଘଣ୍ଟାଏ ଭିତରେ ସ୍ଥିତି ଯେମିତି ଅଣାୟତ୍ତ ହୋଇ ପଡ଼ିଲା ଏଭଳି ଚରମ ଅବ୍ୟବସ୍ଥା ବୁଧବାର ବାରବାଟୀ ଷ୍ଟାଡିଅମ ଟିକେଟ କାଉଣ୍ଟର ଆଗରେ ଦେଖିବାକୁ ମିଳିଛି। ରାତିରେ ମଶା ଉପଦ୍ରବ ଓ ସକାଳୁ ଗହଳି ଭିତରେ ଫସି ରହିବା କାରଣରୁ ଅନେକ ଲୋକ କାଉଣ୍ଟର ଅଗେରେ ମୁର୍ଚ୍ଛା ଗଲେ, ଏପରିକି ୩ ଜଣ ପୋଲିସ କର୍ମୀ ମଧ୍ୟ ଆହତ ହୋଇଛନ୍ତି। ଏଥର କାଉଣ୍ଟରକୁ ଆସିଥିଲା ମାତ୍ର ୧୧ ହଜାର ୮୦ ଖଣ୍ଡ ଟିକେଟ। ମୁଣ୍ଡ ପିଛା ୨ ଟି ଟିକେଟ ଦେବାକୁ ସ୍ଥିର ହୋଇଥିଲା। ହେଲେ କାଉଣ୍ଟର ଆଗରେ ପ୍ରାୟ ୩୦ ହଜାର ଭଳି ଲୋକ ଥିଲେ।

ଆତଙ୍କବାଦୀଙ୍କ ଅସ୍ତିତ୍ୱ ମୂଳପୋଛ ଏକମାତ୍ର ଲକ୍ଷ୍ୟ : ଶାହ

ନୂଆଦିଲ୍ଲୀ,୫।୨(ପିଆଇବି): କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ଜମ୍ମୁ-କଶ୍ମୀରର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ଗୃହ ମନ୍ତ୍ରଣାଳୟ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଗତକାଲି ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ, ଯେଉଁଥିରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ କେନ୍ଦ୍ର



ଗୃହ ସଚିବଙ୍କ ସମେତ ସେନା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ବୈଠକକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତିବଦ୍ଧ ମୋଦୀ ସରକାରଙ୍କ ନିରନ୍ତର ଓ ସମନ୍ୱିତ ପ୍ରୟାସ ଯୋଗୁଁ ଜମ୍ମୁ-କଶ୍ମୀରରେ ଆତଙ୍କବାଦର ପରିବେଶ ଯଥେଷ୍ଟ ଦୁର୍ବଳ ହୋଇଛି ବୋଲି ସେ କହିଥିଲେ। ଶୂନ୍ୟ ଅନୁପ୍ରବେଶ ଲକ୍ଷ୍ୟ ନେଇ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଆଗେଇନେବାକୁ ଗୃହମନ୍ତ୍ରୀ ସମସ୍ତ ସୁରକ୍ଷା ଏଜେନ୍ସିକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସୁରକ୍ଷା ଏଜେନ୍ସି କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ଅନୁପ୍ରବେଶ ଓ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆତଙ୍କବାଦୀଙ୍କ ଅସ୍ତିତ୍ୱକୁ ମୂଳପୋଛ କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ସେ କହିଥିଲେ।

କୁଆଖାଇରେ ବୁଡ଼ି ଦୁଇ ଛାତ୍ର ମୃତ

ଭୁବନେଶ୍ୱର, ୫।୨(ମହାଭାରତ) : କୁଆ ଖାଇ ନଦୀରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ବୁଧବାର ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗାବଜାରରେ ନିକଟରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ କୁଆ ଖାଇରେ ବୁଡ଼ି ୨ ଛାତ୍ରଙ୍କ ଜୀବନ ଚାଲିଯାଇଛି। ୨ ମୃତକ ହେଲେ ଭୁବନେଶ୍ୱର ୟୁନିଟ ୬ କାଳୀମନ୍ଦିର ଅଞ୍ଚଳର ଦିବ୍ୟଜ୍ୟୋତି ମହାଲିକ (୧୫) ଏବଂ ୟୁନି

କଖାରୁ ଫୁଲ ଅଣ୍ଡା ଝଟ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଝଟ ମସଲା, ଜଲଜିରା ପାଉଡର, ଝଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଝଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଝଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଝଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଝଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଝଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।

ଖବର

ବୟଫ୍ରେଣ୍ଡ ସହିତ ଜିମରେ ନଜର ଆସିଲେ ପାଣ୍ଡ୍ୟାଙ୍କ ପୂର୍ବତନ ପତ୍ନୀ ନତାଶା

ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମଡେଲ ନତାଶା ଷ୍ଟାନକୋଭିକଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଛି। ଏ ସମ୍ପର୍କରେ ଉଭୟେ ସାମାଜିକ ଗଣମାଧ୍ୟମରେ ପରସ୍ପରକୁ ଅନଫଲୋ କରିଥିଲେ ୨୦୨୪ରେ ସେମାନଙ୍କ ବିବାହ ବିଚ୍ଛେଦ ଘଟିଥିଲା। ଏହା ପରେ ନତାଶା ନିଜ ପୁଅ ଅଗସ୍ତ୍ୟ ସହିତ ସର୍ବିଆ ଚାଲିଯାଇଥିଲେ।ତେବେ କିଛି ସମୟ ପରେ ସେ ମୁମ୍ବଇ ଫେରିଆସିଥିଲେ। ନତାଶା ଏବଂ ହାର୍ଦ୍ଦିକ ୨୦୨୦ ମେ ୩୧ରେ ବିବାହ କରିଥିଲେ। ତେବେ ବିଚ୍ଛେଦ ପରେ ନତାଶାଙ୍କୁ ନିଜର ଘନିଷ୍ଠ ବନ୍ଧୁ ଆଲେକଜାଣ୍ଡର ଏଲେକ୍ସ ଇଲିକଙ୍କ ସହିତ ଦେଖିବାକୁ ମିଳିଛି। ଉଭୟେ ଜିମରେ ବ୍ୟାୟାମ କରୁଥିବାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେଉଛି। ଆଲେକଜାଣ୍ଡର ନତାଶାଙ୍କ ବୟଫ୍ରେଣ୍ଡ ବୋଲି ଜଣାପଡ଼ିଛି। ଆଲେକଜାଣ୍ଡର ଜଣେ ଫିଟନେସ ପ୍ରଶିକ୍ଷକ, ମଡେଲ ଏବଂ ଅଭିନେତା ଅଟନ୍ତି। ସେ ଅନେକ ସମୟରେ ଅଭିନେତ୍ରୀ ଦିଶା ପଟାନୀଙ୍କ ସହିତ ମଧ୍ୟ ନଜର ଆସନ୍ତି। ଏବେ ନତାଶା ଏବଂ ଆଲେକଜାଣ୍ଡରଙ୍କ ଭିଡିଓ ପ୍ରଘଟ ହେବା ପରେ ପ୍ରଶଂସକମାନଙ୍କ ମଧ୍ୟରେ ନା ନା ଚର୍ଚ୍ଚା ଲାଗିରହିଛି।

ନିୟମିତ ଗୁଜୁରାତି ଖାଆନ୍ତୁ, ସିଗାରେଟ୍ ଅଭ୍ୟାସରୁ ମୁକ୍ତି ପାଆନ୍ତୁ

ରୋଷେଇ ସହିତ ପାଟିର ସ୍ୱାଦ ବଦଳାଇବା ପାଇଁ ଲୋକମାନେ ବିଶେଷ କରି ଗୁଜୁରାତି କିମ୍ବା ପାନମଧୁରୀ ଖାଇଥାନ୍ତି। କିନ୍ତୁ ଏଥିରେ ଥିବା ଔଷଧୀୟ ଗୁଣ ମଧ୍ୟ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ । ଏଥି ସହିତ ନିଶା ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ। ଏହା ଦେଖିବାକୁ ଛୋଟ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ଦ୍ୱାରା ନିଶା ସେବନ ବା ନିକୋଟିନ୍ ସମସ୍ୟାରୁ ମୁକ୍ତି ମିଳିଥାଏ। ତେବେ ଝଲନ୍ତୁ ଜାଣିବା ଏହାର ବ୍ୟବହାର ତମାଖୁ ଉଭିଦରେ ଅତ୍ୟଧିକ ନିଶାର ରାସାୟନିକ ପଦାର୍ଥ ରହିଥାଏ। ଏହା ବିଶେଷକରି ସିଗାରେଟ୍‌ର ଧୁଆଁ ମାଧ୍ୟମରେ ନିଶ୍ୱାସ ନେବା ଦ୍ୱାରା ଶରୀର ମଧ୍ୟକୁ ଯାଇଥାଏ ଯ ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ । ଏହାକୁ ସେବନ କରିବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ଧିରେ ଧିରେ କାମ

କରିଥାଏ, ରକ୍ତଚାପ ବଢିଥାଏ, ଶ୍ୱାସକ୍ରିୟା ତୀବ୍ର ହେବାକୁ ଲାଗିଥାଏ, ଫୁସଫୁସକୁ କ୍ଷତି ପହଞ୍ଚାଇବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ । ତେଣୁ ଏହାକୁ ନ ଖାଇବା ଭଲ। ଯଦି ଆପଣ ଏହି ନିଶା ଛାଡିବାକୁ ଝହୁଁଥାନ୍ତି ତେବେ ଏଥିପାଇଁ ଆପଣ ଗୁଜୁରାତି କିମ୍ବା ପାନମଧୁରୀ ବ୍ୟବହାର କରିପାରିବେ। ଏହା ନିଶା ସେବନ ଅଭ୍ୟାସରୁ ମୁକ୍ତି ଦେଇଥାଏ। ଗୁଜୁରାତିରେ ପୋଷକ ତତ୍ତ୍ୱ ସହିତ ଆଲଫା-ଟେର୍ପିନ୍, ଲିମୋନିନ୍, ମାଇକାନିନ ଏବଂ ମେଥୋଫୋନ୍ ଗୁଣ ରହିଥାଏ। ଏହାକୁ ଦିନକୁ ୪-୬ ଥର ଚୋବାନ୍ତୁ । ଏହି ନିଶା ଅଭ୍ୟାସ ଦୂର କରିବା ସହିତ ନିକୋଟିନ୍ ନମିଳିବା କାରଣରୁ ହେଉଥିବା ଅସ୍ଥିରତା ଏବଂ ଚିନ୍ତାରୁ ଆରାମ ଦେଇଥାଏ । ରାତିରେ ଭଲ ନିଦ ହେବା ସହିତ ମାନସିକ ଶାନ୍ତି ମିଳିଥାଏ। ଗୁଜୁରାତି ପରି ପାନମଧୁରୀ ମଧ୍ୟ ପୋଷକ ଏବଂ ଆୟୁର୍ବେଦିକ ଗୁଣରେ ଭରପୂର ହୋଇଥାଏ। ତେଣୁ ଏହାକୁ ଏକା ସାଥିରେ ଲଗାତାର ୭ ସପ୍ତାହ ଖାଇବା ଦ୍ୱାରା ନିଶା ଅଭ୍ୟାସରୁ ମୁକ୍ତି ମିଳିଥାଏ । ଏଥି ସହିତ ପାଚନ ପ୍ରକ୍ରିୟା ଭଲ ହୋଇଥାଏ ଏବଂ ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ହୋଇନଥାଏ।

ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିକୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।

ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ। ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

୮ ମାସ ପାଣିରେ ବୁଡି ରହେ ମନ୍ଦିର

ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ନିର୍ମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା

ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ

ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଯ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅଯାୟୀ, ପାଣ୍ଡବମାନେ ନିର୍ବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଡ଼ି ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଡ଼ି ନିର୍ମାଣ କରିବାକୁ ଥିଲା ।

ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି

ଗୋଗାମେଢ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦଉଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜେବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଲିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

କୁଆଖାଇରେ ବୁଡ଼ି ଦୁଇ ଛାତ୍ର ମୃତ

ଭୁବନେଶ୍ୱର, ୫।୨ (ମହାଭାରତ): କୁଆ।ଖାଇ ନଦୀରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ବୁଧବାର ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗବଜାରରେ ନିକଟରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ କୁଆ।ଖାଇରେ ବୁଡ଼ି ୨ ଛାତ୍ରଙ୍କ ଜୀବନ ଚାଲିଯାଇଛି। ୨ ମୃତକ ହେଲେ ଭୁବନେଶ୍ୱର ୟୁନିଟ ୬ କାଳୀମନ୍ଦିର ଅଞ୍ଚଳର ଦିବ୍ୟଜ୍ୟୋତି ମହାଲିକ (୧୫) ଏବଂ ୟୁନିଟ ୬ ଗଙ୍ଗନଗର ଅଞ୍ଚଳର ସିକୁନ ସେନାପତି(୧୫)।

ଆଜି ସକାଳେ ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ସାଙ୍ଗମାନଙ୍କ ସହ ସିକୁନ ଓ ଦିବ୍ୟଜ୍ୟୋତି କୁଆ।ଖାଇ ନଦୀକୁ ଯାଇଥିଲେ। ହେଲେ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡିଗଲେ ଦୁଇ ଜଣ ଛାତ୍ର। ବାଲିଅନ୍ତା ପୁଲିସ ଓ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ପାଣି ଭିତରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଘଟଣାରେ ବାଲିଅନ୍ତା ପୋଲିସ ତଦନ୍ତ ଜାରି ରଖିଛି। ଏହାସହିତ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅପେକ୍ଷା ରଖିଛି ପୋଲିସ। ତେବେ ପିଚୁ ପଡ଼ିଅ। ନିକଟରେ ଥିବା ଏକ କୋଚିଂ ସେଣ୍ଟରରୁ ୬ ଜଣ ଛାତ୍ର ମୂର୍ତ୍ତି ବିସର୍ଜନ ପାଇଁ କୁଆ।ଖାଇ ନଦୀକୁ ଯାଇଥିଲେ ବୋଲି ସୂଚନା ରହିଛି। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ରଙ୍ଗବଜାର ନିକଟ କୁଆ।ଖାଇରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ଦୁଇ ଛାତ୍ରଙ୍କ ପ୍ରାଣହାନୀ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଅ।ରେ ସେ ଏନେଇ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାର ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ ସିକୁନ ଓ ଦିବ୍ୟଜ୍ୟୋତିଙ୍କ ପରିବାର ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି।

ବିଶ୍ୱାସ ଭାଜନ ହୋଇ ପାରୁଛି ଓଡିଶା ଯାତ୍ରୀ ଆପ୍

ଭୁବନେଶ୍ୱର, ୫।୨ (ମହାଭାରତ): ସମସ୍ତେ ଚାହାନ୍ତି ଯାତ୍ରା ସୁରକ୍ଷିତ ହେଉ , ଯିବା ଆସିବା ଭଡା ବି ଉଚିତ ହେଉ ଓ ଏପରି ଏକ ସହର କଳ୍ପନା କରନ୍ତୁ ଯେଉଁଠାରେ ପ୍ରତ୍ୟେକ ଯାତ୍ରା ସୁରକ୍ଷିତ, ପ୍ରତ୍ୟେକ ଭଡ଼ା ନ୍ୟାୟପୂର୍ଣ୍ଣ ଏବଂ ପ୍ରତ୍ୟେକ ଡ୍ରାଇଭର ସଶକ୍ତ। ଓଡ଼ିଶା ଏହି ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରୁଛି ଓଡ଼ିଶା ଯାତ୍ରୀ - ଏକ ଅଭିନବ ଗତିଶୀଳତା ଆପ୍ ଯାହା ଭୁବନେଶ୍ୱର ଏବଂ କଟକରେ ଲୋକଙ୍କ ଯାତାୟାତକୁ ପରିବର୍ତ୍ତନ କରୁଛି। ଏହାର କାର୍ଯ୍ୟର ମୂଳରେ ସୁରକ୍ଷା ସହିତ, ଏହି ଆପ୍ ଶୀଘ୍ର ହଜାର ହଜାର ନାଗରିକଙ୍କ ପାଇଁ ବିଶ୍ୱସ୍ତ ଯାତ୍ରା ସାଥୀ ହୋଇପାରିଛି ।

ଏହି କାହାଣୀ ଗତ ମାସରେ 'ଘରକୁ ନିରାପଦରେ ଆସ' ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ସମୟରେ ଆରମ୍ଭ ହୋଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବରେ ଓଡ଼ିଶା ଯାତ୍ରୀ ଆରମ୍ଭ କରିଥିଲେ, ଯାହା ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ଏବଂ ସ୍ମାର୍ଟ, ଅଧିକ ସ୍ଥାୟୀ ଗତିଶୀଳତା ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ଏହା ପରେ ଯାହା ହୋଇଛି ତାହା ଏକ ପରିବର୍ତ୍ତନଠାରୁ କମ୍ ନୁହେଁ।ଆଜି, ଓଡ଼ିଶା ଯାତ୍ରୀ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ଯାତ୍ରାର ଏକ ଆଲୋକବର୍ତ୍ତିକା ଭାବରେ ଠିଆ ହୋଇଛି। ଏଥିରେ ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ଲାଇଭ୍ ଟ୍ରିପ୍ ସେୟାରିଂ ଏବଂ ଓଡ଼ିଶା ପୋଲିସ ୧୧୨ ହେଲ୍ପଲାଇନ୍ ସହିତ ଏକ ସୁଦୃଢ଼ ଜରୁରୀକାଳୀନ ସହାୟତା ବ୍ୟବସ୍ଥା ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି। ଡ୍ରାଇଭରମାନେ ସମ୍ପୂର୍ଣ୍ଣ ଯାଂଚଏବଂ ନିୟମିତ ସୁରକ୍ଷା ତାଲିମ ପାଆନ୍ତି, ଯାହା ଯାତ୍ରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତ ନେଟୱାର୍କ ସୃଷ୍ଟି କରେ।

କିନ୍ତୁ ଓଡ଼ିଶା ଯାତ୍ରୀଙ୍କୁ ପ୍ରକୃତରେ ଅଲଗା କରୁଥିବା ବିଷୟ ହେଉଛି ନ୍ୟାୟ ପ୍ରତି ଏହାର ପ୍ରତିବଦ୍ଧତା। ପାରମ୍ପରିକ ରାଇଡ୍-ହେଲିଂ ଆପ୍ ଯାହା ମୋଟା କମିଶନ କାଟିଥାଏ, ତାହା ପରି ନୁହେଁ, ଓଡ଼ିଶା ଯାତ୍ରୀ ଏକ ଅନନ୍ୟ ଶୂନ୍ୟ-କମିସନ୍ ମଡେଲରେ କାର୍ଯ୍ୟ କରେ। ଡ୍ରାଇଭରମାନେ ସେମାନଙ୍କର ରୋଜଗାରର ୧୦୦% ରଖନ୍ତି, ଏହା କେବଳ ଜୀବିକା ଉନ୍ନତ କରିନାହିଁ ବରଂ ଡ୍ରାଇଭରମାନଙ୍କୁ ଅସାଧାରଣ ସେବା ପ୍ରଦାନ କରିବାକୁ ପ୍ରେରଣା ମଧ୍ୟ ଦେଇଛି। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆପ୍‌ର ପରିବର୍ତ୍ତନକାରୀ ସମ୍ଭାବନା ବିଷୟରେ ଉଲ୍ଲେଖ କରି କହିଥିଲେ "ଓଡ଼ିଶା ଯାତ୍ରୀ କେବଳ ଏକ ଗତିଶୀଳତା ଆପ୍ ନୁହେଁ; ଏହା ଏକ ପ୍ଲାଟଫର୍ମ ଯାହା ସୁରକ୍ଷିତ, ସ୍ମାର୍ଟ ଏବଂ ଅନ୍ତର୍ଭୁକ୍ତ ସହରାଂଚଳ ପରିବହନ ସୃଷ୍ଟି କରି ବିକଶିତ ଓଡ଼ିଶା ପାଇଁ ଆମର ଦୃଷ୍ଟିକୋଣକୁ ମୂର୍ତ୍ତିମନ୍ତ କରେ। 'ଏହାର ଅଭିନବ ଶୂନ୍ୟ-କମିସନ୍ ମଡେଲ୍ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ସହିତ, ଏହା ସହରାଂଚଳ ଗତିଶୀଳତାରେ ଏକ ଖେଳ ପରିବର୍ତ୍ତନକାରୀ ହେବାକୁ ପ୍ରସ୍ତୁତ,' ସେ କହିଛନ୍ତି।ଯାତ୍ରୀମାନେ ମଧ୍ୟ ଏହି ନବସୃଜନର ଲାଭ ଉଠାଉଛନ୍ତି। ଆପ୍‌ର ବ୍ୟବହାରକାରୀ-ଅନୁକୂଳ ଇଂଟରଫେସ୍ ସହଜରେ ବୁକିଂ ଯାତ୍ରା କରିଥାଏ, ଯେତେବେଳେ ଲାଇଭ୍ ଟ୍ରିପ୍-ସେୟାରିଂ ବୈଶିଷ୍ଟ୍ୟ ଘରେ ଅପେକ୍ଷା କରିଥିବା ପ୍ରିୟଜନଙ୍କୁ ମନର ଶାନ୍ତି ପ୍ରଦାନ କରେ। ଓଡ଼ିଶା ଯାତ୍ରୀ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ବିଷୟରେ ନୁହେଁ - ଏହା ଆତ୍ମବିଶ୍ୱାସ ଏବଂ ସ୍ୱଚ୍ଛତା ସହିତ ଯାତ୍ରା କରିବା ବିଷୟରେ। ବର୍ତମାନସୁଧା ୩୬୨୯୭ ଜଣ ଚାଳକ ଏଥିରେ ପଂଜିକୃତ ହୋଇ ଥିବା ବେଳେ ୧୨୧୨୪୨ ଜଣ ଓଡିଶା ଯାତ୍ରୀ ଆପ ବ୍ୟବହାର କରୁଥିବା ପ୍ରକାଶ । ଆଗାମୀ ଦିନରେ ଓଡ଼ିଶା ଯାତ୍ରୀ ସାର୍ବଜନୀନ ପରିବହନ ନେଟୱାର୍କ, ଏଆଇ-ଚାଳିତ ସୁରକ୍ଷା ପ୍ରୋଟୋକଲ୍ ଏବଂ ନିର୍ବିଘ୍ନ ପ୍ରଥମ ଏବଂ ଶେଷ-ମାଇଲ୍ ସଂଯୋଗ ପାଇଁ ଉପକରଣ ସହିତ ଏହାର ଅଫରଗୁଡ଼ିକୁ ବିସ୍ତାର କରିବାକୁ ଯୋଜନା କରୁଛି। ଏହି ଉନ୍ନତିଗୁଡ଼ିକ ନିଶ୍ଚିତ କରିବ ଯେ ଆପ୍ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଭାବରେ ରଖି ଏହାର ବ୍ୟବହାରକାରୀଙ୍କ ବିକଶିତ ଆବଶ୍ୟକତା ପୂରଣ କରିବା ଜାରି ରଖିବ।

ଯେତେବେଳେ ଓଡ଼ିଶା ଏକ ବିକଶିତ ଓଡ଼ିଶା ଆଡକୁ ଅଗ୍ରଗତି କରୁଛି, ଓଡ଼ିଶା ଯାତ୍ରୀ ଆପ ସହରାଂଚଳ ପରିବହନକୁ ପୁନଃପରିଭାଷିତ କରିବାରେ ନେତୃତ୍ୱ ନେଉଛି। ପ୍ରତ୍ୟେକ ସୁରକ୍ଷିତ, ନିର୍ବିଘ୍ନ ଯାତ୍ରା ସହିତ, ଏହା ଏକ ସ୍ମାର୍ଟ ଏବଂ ଅଧିକ ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ କରୁଛି - ଗୋଟିଏ ସମୟରେ ଗୋଟିଏ ଯାତ୍ରା।

ଭତ୍ତାବୃଦ୍ଧି ଦାବିରେ ଆୟୁଷ ସର୍ଜନଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୫।୨ (ମହାଭାରତ): ରାଜ୍ୟରେ ଆୟୁଷ ସର୍ଜନ ଙ୍କ ଭତ୍ତା ବୃଦ୍ଧି ପାଇଁ ବହୁଦିନରୁ ଦାବୀ ରହିଥିଲା। ଏ ସମ୍ପର୍କରେ ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ରେ ଥିବା ୪ଟି ସରକାରୀ ହୋମିଓପ୍ୟାଥିକ ଓ ପୁରୀ, ଅଙ୍ଗୁଶପୁର,ବଲାଙ୍ଗୀରରେ ଥିବା ୩ଟି ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଏକ ମାସ ଧରି ସମସ୍ତ ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ବନ୍ଦ ଡାକରା ଦେଇ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି ରେ ଆନ୍ଦୋଳନ କରାଯାଇଥିଲା।

ଏମବିବିଏସ ଓ ବିଡିଏସ ଛାତ୍ର ଛାତ୍ରୀ ଙ୍କ ଭତ୍ତା ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଆୟୁଷ ହାଉସ ସର୍ଜନ ଙ୍କୁ ପୂର୍ଣ୍ଣ ମାତ୍ରାରେ ଉପେକ୍ଷା କରାଯାଉଥିବା ନେଇ ତୀବ୍ର ସମାଲୋଚନା କରିଥିଲେ। ତେବେ ନୂତନ ସରକାର ଆସିବା ପରେ ଅଲ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏସନ ପକ୍ଷ ରୁ ପୂର୍ବରୁ ଆୟୁଷ ହାଉସ ସର୍ଜନ ଙ୍କ ଥିବା ୧୭ହଜାର ଟଙ୍କା ଭତ୍ତା କୁ ଆୟୁଷ ମେଡ଼ିକାଲ ଅଫିସର ଙ୍କ ମାସିକ ବେତନ ର ୫୦/ ହାରରେ ବୃଦ୍ଧି କରି ଡାଇନାମିକ ଷ୍ଟାଇପେଣ୍ଡ ଦେବାକୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଆୟୁଷ ନିର୍ଦ୍ଦେଶକ ଙ୍କ ସହିତ ଆଲୋଚନା, ଦାବୀ ପତ୍ର ପ୍ରଦାନ କରି ଆୟୁଷ ଛାତ୍ର ସଂସଦ ପ୍ରତିନିଧି ମାନେ ଆଲୋଚନା କରିଥିଲେ।

ଏ ନେଇ ଆୟୁଷ ନିର୍ଦ୍ଦେଶକ ରାଜ୍ୟର ସାତୋଟି ସରକାରୀ ଆୟୁଷ କଲେଜ ଅଧ୍ୟକ୍ଷ ଙ୍କୁ ଗତ ତା୧୮.୧୧.୨୦୨୪ରେ ପତ୍ର ସଂଖ୍ୟା -୭୬୯୯ ଦେଇ ଭତ୍ତା ବୃଦ୍ଧି ପାଇଁ ମତାମତ ଲୋଡିଥିଲେ। ସାତୋଟି ସରକାରୀ ଆୟୁଷ କଲେଜ ଅଧ୍ୟକ୍ଷ ଆୟୁଷ ହାଉସ ସର୍ଜନ ଭତ୍ତା କୁ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରି ଦେବାକୁ ରାଜ୍ୟ ସରକାରଙ୍କ ଆୟୁଷ ନିର୍ଦ୍ଦେଶକ ଙ୍କୁ ପତ୍ର ପ୍ରଦାନ କରିଥିଲେ।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ଆୟୁଷ ହାଉସ ସର୍ଜନ ଙ୍କୁ ଡାଇନାମିକ ଭତ୍ତା ବୃଦ୍ଧି କୁ ସମର୍ଥନ କରୁଥିବା ବେଳେ ଆୟୁଷ ନିର୍ଦ୍ଦେଶକ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ କମ କରି ଫାଇଲ ପ୍ରୋସେସିଂ କରୁଥିବା ଖବର ପାଇ ଆଜି ଶତାଧିକ ଆୟୁଷ ଛାତ୍ର ସଂସଦ ପ୍ରତିନିଧି ଆୟୁଷ ନିର୍ଦ୍ଦେଶକ ଙ୍କ କାର୍ଯ୍ୟାଳୟ ଯାଇ ନିର୍ଦ୍ଦେଶକ ଙ୍କୁ ମନମାନି ର କାରଣ ପଚାରିଥିଲେ।

ତୁରନ୍ତ ଏ ସମ୍ପର୍କରେ କାର୍ଯ୍ୟନୁଷ୍ଠାନ ପାଇଁ ଅଡି ବସିଥିଲେ। ଆୟୁଷ ଛାତ୍ର ସଂସଦ ପକ୍ଷ ରୁ ଏ ନେଇ ପୂର୍ଣ୍ଣାଙ୍ଗ ଆଲୋଚନା, ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ଶେଷ ରେ ଆୟୁଷ ନିର୍ଦ୍ଦେଶକ ଭୟରେ ପୋଲିସ ଉପସ୍ଥିତ ରେ ଆଲୋଚନା କରିବା ସହିତ ଆୟୁଷ ହାଉସ ସର୍ଜନ ଆୟୁଷ ଛାତ୍ର ସଂସଦ ର ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ ସାଧାରଣ ସମ୍ପାଦକ ଶ୍ରୀ ସୁବ୍ରତ କୁମାର ସାମଲ ମିଡିଆ। ଉପଦେଷ୍ଟା ଡା. ଶୌରଭ ମହାରଣା ମୁଖପାତ୍ର ଗିରିଧରି ବିଶ୍ୱାଳ ନେତୃତ୍ୱ ନେଇଥିଲେ।

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୫।୨ (ମହାଭାରତ): ଓଡ଼ିଶାରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ସମ୍ପାଦକ, ପ୍ରକାଶକମାନଙ୍କୁ ନେଇ ଗଠିତ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଭୁବନେଶ୍ୱର ୟୁନିଟ-୬ସ୍ଥିତ ନେତାଜୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ସମ୍ବାଦପତ୍ରର ସମ୍ପାଦକ ତଥା ସଂଗଠନର ରାଜ୍ୟ ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ତଥା ଦୈନିକ ସ୍ୱତନ୍ତ୍ରବାର୍ତାର ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା କ୍ରମାଗତ ଅବହେଳାକୁ ମଧ୍ୟ ଶ୍ରୀ ମହାପାତ୍ର ନିଜ ବକ୍ତବ୍ୟରେ ଦୃଢ଼ ସମାଲୋଚନା କରିଥିଲେ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରକାଶନ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରତି ସେମାନଙ୍କ ଆଭିମୁଖ୍ୟରେ ପରିବର୍ତନ ଆଣି ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବା ପାଇଁ ନିଜ ବକ୍ତବ୍ୟରେ ଦାବି କରିଥିଲେ। ବର୍ଷ ବର୍ଷ ଧରି ସରକାରୀ ଅନୁମୋଦନ ପାଇଁ ଆବେଦନ କରାଯାଇଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନଭାବ ପ୍ରଦର୍ଶନ କରି ସରକାରୀ ଅନୁମୋଦନ କରିବା, ଆର୍.ଏନ୍.ଆଇ. ପଞ୍ଜିକୃତ ଖବରକାଗଜ ଗୁଡ଼ିକୁ ସରକାରୀ ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର ଭଳି ମାନ୍ୟତା ପ୍ରଦାନ କରିବା, ସମସ୍ତ ଖବରକାଗଜର ସମ୍ପାଦକମାନଙ୍କୁ ବରିଷ୍ଠତାଭିତ୍ତିରେ ରାଜ୍ୟ ରାଜଧାନୀରେ ସରକାରୀ ଗୃହ ଯୋଗାଇ ଦେବା, ଖବର କାଗଜ ସମ୍ପାଦକମାନଙ୍କ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗରେ ବସିବା ପାଇଁ ଏକ ସମ୍ପାଦକୀୟ ପ୍ରକୋଷ୍ଠର ବ୍ୟବସ୍ଥା ଭଳି ଦାବୀକୁ ନେଇ ସଂଗଠନ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ନିଜ ବକ୍ତବ୍ୟରେ ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜିର ବୈଠକ ପରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ଦାବି ନେଇ ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ ସଂଗଠନର ରାଜ୍ୟ ସଭାପତି ବଂଶୀଧର ଜେନା ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ରାଜଭବନ ଯାଇ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନୋଡ଼ାଲ୍ ଅଫିସର ଡ଼. ନିହାର ରଞ୍ଜନ ଦାସ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସଂକ୍ରାନ୍ତରେ ବିସ୍ତାର ଭାବେ ଆଲୋଚନା କରିଥିଲେ। ଦାବୀଗୁଡ଼ିକ ସଂକ୍ରାନ୍ତରେ ବିଚାର କରି ଖୁବ୍ ଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ଅଧିକାରୀ ପ୍ରତିନିଧିମଣ୍ଡଳୀକୁ ଆଲୋଚନା ବେଳେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବୈଠକ ଓ ପ୍ରତିନିଧିମଣ୍ଡଳୀରେ ସଂଗଠନର କାର୍ଯ୍ୟକାରୀ ସଭାପତି ତଥା ଦକ୍ଷତାର ସମ୍ପାଦକ ଡ଼. ଜୀବନ କୁମାର ଦିକ୍ଷିତ, ଉପସଭାପତି ତଥା ସତ୍ୟ ଖବରର ସମ୍ପାଦକ ଅକ୍ଷୟ କୁମାର ନାୟକ, ପରିବର୍ତନର ସମ୍ପାଦକ ରମାକାନ୍ତ ପରିଜା, ଉପାନ୍ତ ଖବରର ସମ୍ପାଦକ ଗଣେଶ ବିଶୋଇ, ଭୂମିବାର୍ତାର ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାସ, ଅନେକ ସୂଚନାର ସମ୍ପାଦକ ନିତ୍ୟ ନିରଞ୍ଜନ ପଣ୍ଡା, ଉପକୂଳ ସମାଚାରର ସମ୍ପାଦକ ଆର୍ତ୍ତାଣ ପତି, ଲୋକ ସମ୍ପର୍କର ସମ୍ପାଦକ ଦେବକାନ୍ତ ମହାପାତ୍ର, ବାବୁଲ ବେହେରା, ନିରଞ୍ଜନ ପଟ୍ଟନାୟକ, ପ୍ରସାନ୍ତ ମହାନ୍ତି ପ୍ରମୁଖଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଖବରକାଗଜର ପ୍ରକାଶକ ଓ ସମ୍ପାଦକମାନେ ଯୋଗଦେଇ ବୈଠକରେ ଆଲୋଚନା କରିବା ସହ ସଂଗଠନର ଆଗାମୀ ଦିନର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ।

ମାଷ୍ଟର କ୍ୟାଣ୍ଟିନ ଛକରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୫।୨ (ମହାଭାରତ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ଗିରଫ ଦାରି ପ୍ରତିବାଦରେ ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ କଂଗ୍ରେସ ନେତୃବୃନ୍ଦ ଏକ ଘଣ୍ଟା ଧରି ମାଷ୍ଟର କ୍ୟାଣ୍ଟିନ ଛକ ଅବରୋଧ କରି ରଖିଥିଲେ।

ଏହି ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ବିଜେପି ସରକାର ଓଡ଼ିଶାରେ ବିରୋଧି ଦଳମାନଙ୍କର ସାମ୍ବିଧାନିକ ଅଧିକାର ଛଡ଼େଇ ନେଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନଙ୍କୁ ମୋହନ ସରକାର ଅଗଣତାନ୍ତ୍ରିକ ଭାବେ ଜେଲରେ ଭର୍ତ୍ତି କରିଛନ୍ତି। ଓଡ଼ିଶାରେ ନାଜିବାଦ ଓ ଫାସିବାଦର ଶାସନ ଚାଲିଛି। ନାଥୁରାମ ପନ୍ଥି ଆର.ଏସ୍.ଏସ୍.ମୁଖ୍ୟ ମୋହନ ଭାଗବତଙ୍କୁ ଛାତ୍ର କଂଗ୍ରେସ ସଭାପତି ଓ କର୍ମକର୍ତ୍ତାମାନେ କଳା ପତାକା ପ୍ରଦର୍ଶନ କଲେ। ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସେଭଳି ଦଣ୍ଡନୀୟ ନୁହେଁ। ମାତ୍ର ମୋହନ

ଫୋକସରେ ଓଡ଼ିଶା

ନବେ ଦଶରେ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ବିଜେପି ଯେତେବେଳେ ସାରା ଦେଶରେ ନିଜର ପ୍ରଭାବ ବିସ୍ତାର କଲା ଏବଂ କେନ୍ଦ୍ରରେ କ୍ଷମତା ଦଖଲର ସୁଯୋଗ ସୃଷ୍ଟି କଲା, ସେତେବେଳେ ଓଡ଼ିଶାରେ ମଧ୍ୟ ବିଜେପି ଏକ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରତିଷ୍ଠିତ ହେଲା । ଏଥିପାଇଁ ତତ୍କାଳୀନ ଜନତା ଦଳରୁ ଏକ ବଡ଼ ଗୋଷ୍ଠୀ ମୂଳ ଦଳରୁ ବାହାରି ବିଜୁ ଜନତା ଦଳ ଗଠନ କରି ବିଜେପି ସହ ଆସନ ବୁଝାମଣା ବା ମେଣ୍ଟ କରିଥିଲେ । ବିଜେପି ସହ ଆସନ ବୁଝାମଣା ପାଇଁ ହିଁ କେବଳ ବିଜେଡି ଗଠନ ହୋଇଥିଲା । ବିଜେଡି-ବିଜେପି ମେଣ୍ଟ ସଫଳ ହୋଇଥିଲା । କଂଗ୍ରେସକୁ ମୂଳପୋଛ କରିବାରେ ଏହା ସଫଳ ହେଲା । ଆଜିକୁ ୨୫ ବର୍ଷ ହେବ ଓଡ଼ିଶାରେ କଂଗ୍ରେସ ଠିଆ ହୋଇପାରୁନି । ଅନ୍ୟ ପକ୍ଷରେ ଏକଦା ବିଜେଡିର ହାତ ଧରି ଓଡ଼ିଶାରେ କ୍ଷମତାର ଅଂଶୀଦାର ହୋଇଥିବା ବିଜେପି ଏବେ ରାଜ୍ୟରେ କ୍ଷମତାସୀନ । ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି କ୍ଷମତାକୁ ଆସିଛି । ଜଣେ ଆଦିବାସୀ ନେତା ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଦୁଇବର୍ଗର ଭିନ୍ନ ଭିନ୍ନ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ବୁଲି ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିଜେ ବାରମ୍ବାର ଓଡ଼ିଶା ଆସି ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି । ଅତୀତରେ କେବେ କୌଣସି ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଏପରି ଗୁରୁତ୍ୱ ଦେଉନଥିଲେ । ଏକଦା ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଓଡ଼ିଶାର ସାଂସଦ ମାନେ ଭେଟି ରାଜ୍ୟକୁ ଅଧିକ ଆର୍ଥିକ ଅନୁଦାନ ଲାଗି ଦାବି କରିଥିଲେ, ସେତେବେଳେ ମନମୋହନ ଟଙ୍କା କ'ଣ ଗଛରେ ଫଳେ ବୋଲି ପ୍ରଶ୍ନ କରିଥିଲେ । ଯଦି ସୋନିଆ-ରାହୁଲ ଏହି ଦାବି କରିଥାନ୍ତେ ତେବେ ମନମୋହନ କ'ଣ ଏଭଳି ଉତ୍ତର ଦେଇପାରିଥାଆନ୍ତେ ? ଓଡ଼ିଶା ଉପରେ ମୋଦି ୧୦୦ ପ୍ରତିଶତ ଫୋକସ କରିଛନ୍ତି । ଓଡ଼ିଶାରେ ମାତ୍ର ୭ ମାସ ତଳେ ବିଜେପି ସରକାର ଗଠିତ ହୋଇଛି । ମାତ୍ର ୭ ମାସ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ପଞ୍ଚମ ଥର ପାଇଁ ଓଡ଼ିଶା ଆସୁଛନ୍ତି । ୨୮ରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବେ । ବିଗତ ୭ ମାସ ଭିତରେ ମୋଦିଜୀ ଅନେକ ଥର ଓଡ଼ିଶା ଆସିଛନ୍ତି । ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ଡିଜିପି ସମ୍ମିଳନୀରେ ଯୋଗ ଦେଇଛନ୍ତି, ପ୍ରବାସୀ ଭାରତୀୟ ଦିବସ ଅବସରରେ ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବ୍ୟତିତ ବିଜେପିର ଅନେକ ତୁଙ୍ଗ ନେତା, କେନ୍ଦ୍ରମନ୍ତ୍ରୀଗଣ ଓଡ଼ିଶା ଆସିଛନ୍ତି । ଓଡ଼ିଶାକୁ ବିଜେପିର ଏକ ଗଡ଼ରେ ପରିଣତ କରିବା ଲାଗି ମୋଦିଜୀ ଯୋଜନା କରିଛନ୍ତି । ଗୁଜରାଟ, ମଧ୍ୟପ୍ରଦେଶ, ୟୁପି ଭଳି ଓଡ଼ିଶାରେ ବିଜେପି ଯେପରି ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିବ ସେଥିଲାଗି ବିଜେପି କେନ୍ଦ୍ରୀୟ ନେତୃତ୍ୱ ଯୋଜନା କରଛନ୍ତ ଏବଂ ସୁଚିନ୍ତିତ ଉପାୟରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ଓଡ଼ିଶାରେ କିଏ କ୍ଷମତାରେ ରହିବ, କିଏ ନିର୍ବାଚନରେ ବିଜୟୀ ହେବ ତାହା ବଡ଼ କଥା ନୁହେଁ । ବଡ଼ କଥା ଡେଲା ଓଡ଼ିଶାର ବିକାଶ । ମୋଦିଙ୍କ ଶାସନ କାଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଓଡ଼ିଶାର ରାଜନୈତିକ ଗୁରୁତ୍ୱ ବଢ଼ିଛି । ଏହାକୁ ବିରୋଧୀ ମଧ୍ୟ ସ୍ୱୀକାର କରିବା ଉଚିତ । ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଙ୍କଳ୍ପ ନେବାକୁ ମୋଦିଜୀ ଆହ୍ୱାନ କରିଛନ୍ତି । ଆଶା କରାଯାଉଛି ତାଙ୍କର ଏହି ସଙ୍କଳ୍ପ ସଫଳ ହେବ । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବାର ୧୦୦ ବର୍ଷ ପୂରଣ ବେଳେ ରାଜ୍ୟର ବିକାଶରେ କାହାର ଅଧିକ ଭୂମିକା ରହିଛି ତାହାର ତଜର୍ମ କରାଯିବ ।

ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

*ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ । ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ । ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ । ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି । ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ । ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି । ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି । ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ । ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ । ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି । ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା । ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି । ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି । ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି ।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି । ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି । ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡ଼େଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି । ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି । ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି । ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି । ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି । ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ । ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି । ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି ।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି । ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ । ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି । ଆଉ ଏହା ଅନେକ ପରିମାଣରେ ସତ ହୋଇଛି । ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା । ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ । କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଉନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ । ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି । ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ । ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି । ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ । ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା । କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ । ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା । ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ । ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା । ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା । ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ । ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ । ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ । ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି ।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ । ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ । ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ । ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା ।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା । ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିତିଲେ ନେତୃବୃନ୍ଦ । ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା । ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ । ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ । ୧୯୧୯ରେ ପଂଞ୍ଜାବର ଜାଲିଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣିରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା ।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର । ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ । ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା । ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି । ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ । ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି । ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି । ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ । ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ । ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା । ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି । ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା" । ଅସୀ ଠାରୁ ମସୀ ଶକ୍ତିଶାଳୀ । ଏ ବହି ନୁହେଁ ବୋମା । ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା । କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା । ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା ।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା ।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା ।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣତି ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ । ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ । କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ । ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି ।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ । ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି । ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଡୁଆଳ ପ୍ରାଣ ହରାଇଥିଲେ । ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି । ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ । ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ । ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ । କ

ଉଦଳା ବ୍ଲକ ରେ ଉଦଘାଟନ ହେଲା ବିକଶିତ ଗାଁ ବିକଶିତ ଓଡିଶା

ଉଦଳା (ମହାଭାରତ)ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚୋରଣ ମାଝୀ ଙ୍କ କରକୋମଳ ରେ ଆଜି ଓଡିଶା ରାଜ୍ୟ ରେ ଉଦଘାଟନ ହୋଇଯାଇଛି ବିକଶିତ ଗାଁ ବିକଶିତ ଓଡିଶା । ତେବେ ଆଜି ଉଦଳା ବ୍ଲକ ପକ୍ଷରୁ ମଧ୍ୟ ଉଦଳା ବିଧାୟକ ଭାସ୍କର ମଢେଇ ଏବଂ ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା ଙ୍କ ଦ୍ୱାରା ଉଦଳା ବ୍ଲକ ରେ ଉଦଘାଟନ ହୋଇଯାଇଛି ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ । ପାଞ୍ଚ ବର୍ଷ ରେ ପାଞ୍ଚହଜାର କୋଟି ର ବ୍ୟୟ ବରାଦ ହେବା ସହ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ ହେବ ବୋଲି ଏଭଳି କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି ବିଧାୟକ । ମୌଳିକ ଭିତ୍ତି ଭୂମି ବିକାଶ ସହ ଶିକ୍ଷା, କ୍ରୀଡା, ପର୍ଯ୍ୟଟନୀ ସ୍ତଳି ର ବିକାଶ ଆଦି ବିଭିନ୍ନ ବୋହୁମୁଖୀ ଜଣମଙ୍ଗଳ କାରି ପ୍ରକଳ୍ପ ର କାର୍ଯ୍ୟକାରୀ କରାଯାଇପାରିବ ବୋଲି ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ । ପଞ୍ଚାୟତ ସ୍ତର ରେ ଆଗାମୀ ଦିନ ରେ ଗ୍ରାମ ଶୋଭା ମାଧମ ରେ ସମସ୍ତ ପ୍ରକଳ୍ପ ହେବା ସହ ଆଗାମୀ ଦିନ ରେ ବିକଶିତ ଗାଁ ବିକଶିତ ଓଡିଶା ଲକ୍ଷ୍ୟ କୁ ସରକାରଙ୍କ ପ୍ରାଥମିକତା ରହିବ ବୋଲି ଅତିଥି ମାନେ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଉଦଳା ବ୍ଲକ ର ସମସ୍ତ ପଞ୍ଚାୟତ ର ସୋରପଞ୍ଚ, ସମିତି ସଭ୍ୟ, ଉଦଳା ବ୍ଲକ ଚେୟାରମ୍ୟାନ, ଉଦଳା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ସମେତ ଉଦଳା ବ୍ଲକ ଜିପିଓ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

ଉଦଳା ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

କପ୍ତିପଦା -(ମହାଭାରତ): କପ୍ତିପଦା -ମଣିଷ ର ଚକ୍ଷୁ ହେଉଛି ମୁଖ୍ୟ ଅଙ୍ଗ। ସରକାର ଯୋଜନା ଅନୁଯାୟୀ ସର୍ବଶିକ୍ଷା ଅଭିଯାନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ର ମାଗଣା ରେ ଚକ୍ଷୁ ପରୀକ୍ଷା ଶିବିର ଉଦଳା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଛି। ତିନି ଦିନ ଧରି ଏହି ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ଉଦଳା ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରେ ୪୨୩ ଛାତ୍ରଛାତ୍ରୀ ମାନେ ଚକ୍ଷୁ ପରୀକ୍ଷା କରିବେ। ଚକ୍ଷୁ ପରୀକ୍ଷା ସହ ମାଗଣା ରେ ମେଡିସିନ ଓ ଚଷମା ଯୋଗାଇ ଦିଆଯିବ ବୋଲି ଉଦଳା ମେଡିକାଲ ର ଚକ୍ଷୁ ପରୀକ୍ଷକ ଅନନ୍ତ ଜେନା ପ୍ରକାଶ କରିଛନ୍ତି।

ଗ୍ରାମୀଣ ଓଡିଶାର ରୂପାନ୍ତର: ବିଷମକଟକ ଠାରେ 'ବିଜିବିଓ' ଉଦଘାଟିତ

ବିଷମକଟକ:(ମହାଭାରତ): ଆଜି ବିଷମକଟକ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ମୋହନ ସରକାରଙ୍କ ଉଚ୍ଚାଭିଳାଷୀ ବିକସିତ ଗାଁ ବିକସିତ ଓଡିଶା (ବିଜିବିଓ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ଆଜି ଦିନ ୧୧ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରତୁଆଲ ମୋଡ଼ ରେ ଏହାର ଶୁଭାରମ୍ଭ କରିଥିବା ବେଳେ ଗ୍ରାମୀଣ ଓଡିଶାର ରୂପାନ୍ତର ପାଇଁ ରାଜ୍ୟ ବ୍ୟାପି ଏହି ଯୋଜନା ଆଜି ଠାରୁ ଲାଗୁ କରାଯାଇଛି ।ପ୍ରତ୍ୟେକ ବ୍ଲକ ତଥା ଗ୍ରାମ ପଞ୍ଚାୟତରେ ସମଗ୍ର ଗ୍ରାମୀଣ ବିକାଶକୁ ଆଗେଇ ନେବା ପାଇଁ ପରିକଳ୍ପିତ ଏହି ପଦକ୍ଷେପ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣହେବାକୁ ଯାଉଥିବା ବେଳେ ବିଷମକଟକ ଠାରେ ଏହାର ପ୍ରସ୍ତୁତି ଓ ସଫଳ ଆୟୋଜନ ନେଇ ବ୍ଲକ ପ୍ରଶାସନ ସମସ୍ତ ପ୍ରକାର ଉତ୍ସାହିତ ରହିଥିବା ଜଣାପଡିଛି ଓ ଏକ ପାଞ୍ଚ ବାର୍ଷିକ ବିକାଶର ରୋଡମ୍ୟାପ୍, ଯାହା ଗ୍ରାମାଞ୍ଚଳ ରେ ରହିଥିବା ଭିତ୍ତିଭୂମି ଓ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବାରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ତଥା ଉନ୍ନତ ମାନର ଜୀବନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା କୁହାଯାଉଛି। ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଥିବା ବେଳେ ଏହି ଯୋଜନା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ ଏଥିରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ଜଣାପଡିଛି ।ଏହା ମାଧ୍ୟମରେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (ଟଠଞଏ) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ,କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ,ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ,ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୟନ ଆଦି ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପଦକ୍ଷେପ ଓଡିଶାର ଗ୍ରାମୀଣ ବିକାଶ ଦିଗରେ ରେ ଏକ ମାଇଲଖୁ□ ହେବ ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ପ୍ରତ୍ୟେକ ଗ୍ରାମକୁ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବା ପାଇଁ ଉତ୍ସର୍ଗୀକୃତ ବୋଲି ଗଣମାଧ୍ୟମକୁ ଉତ୍ତର ରଖିବା ବେଳେ ବିଧାୟକ ପ୍ରତିନିଧି ବିଜୟ କିଶୋର ପଟନାୟକ ସ୍ପଷ୍ଟ କରିଥିଲେ। ବିଷମକଟକ ବିଡିଓ ସଦାଶିବ ନାୟକ ତଥା ଅତିରିକ୍ତ ସହକାରୀ ଯନ୍ତ୍ରୀ ଦାୟତ୍ୱ ରେ ଥିବା ସୁଶ୍ରୀ ଝରଣା ତ୍ରିପାଠୀ ବ୍ଲକ ର ସମସ୍ତ ପଞ୍ଚାୟତ ପ୍ରତିନିଧି,ସ୍ଥାନୀୟ ନେତା, ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ସମ୍ପ୍ରଦାୟର ପ୍ରତିନିଧୀ ଓ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳତା ର ସମ୍ପନ୍ନ କରିଥିବା ରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ପ୍ରତିନିଧି, ସାଂସଦ ପ୍ରତିନିଧି କୃଷ୍ଣ ନାଣକା, ପଞ୍ଚାୟତ ସମିତି ଅଧକ୍ଷା, ଉପାଧକ୍ଷ ଦେବି ପ୍ରସାଦ ପଟନାୟକ, କ ଓ ଖ ଜୋନ ଜିଲ୍ଲାପରିଷଦ ସଭ୍ୟା ଓ ଭାରତୀୟ ଜନତା ପାର୍ଟିର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ର ୫ଜଣିଆ ଟିମ୍ ଯୋଡା ଗସ୍ତ,ନୂତନ ବସ ଷ୍ଟାଣ୍ଡ ନିର୍ମାଣ ନିମନ୍ତେ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ପୌରପାଳିକା ର ଏକ ନୂତନ ବସଷ୍ଟାଣ୍ଡ ସର୍ଭେ କରିବାକୁ ରାଜ୍ୟ ସଡକ ପରିବହନ ନିଗମ ର ଏକ ୫ଜଣିଆ ଟିମ୍ ବୁଧବାର ଅପରାହ୍ନ ପ୍ରାୟ ୪.୩୦ମିନିଟ ସମୟରେ ଯୋଡା ଗସ୍ତ ରେ ଆସି ନୂତନ ବସ ଷ୍ଟାଣ୍ଡ ନିର୍ମାଣ ନେଇ ଯୋଜନା ପ୍ରସ୍ତୁତି ର ସମୀକ୍ଷା କରିଥିବ। ଜଣାପଡିଛି ।ଖବର ନେବାରୁ ଜଣାପଡିଛି ଯେ,ଏହି ଟିମ୍ କମୟର ଯୋଡା ଠାରେ ପ୍ରସ୍ତାବିତ ଥିବା ନୂତନ ବସ ଷ୍ଟାଣ୍ଡ ର ଜମି ମାପ ଚୁପ କରିବା ସହିତ ,ଜମି ଅଧିଗ୍ରହଣ,ସରକାରୀ ଜମିରେ ହୋଇଥିବା ଘର ଉଚ୍ଛେଦ ପ୍ରଭୃତି ଉପରେ ଉପସ୍ଥିତ ଥିବା ରାଜସ୍ୱ ଅଧିକାରୀ ଓ ଯୋଡା ପୌର ପୟଳିକା ଅଧକ୍ଷ ଙ୍କ ସହିତ ଆଲୋଚନା କରିଥିଲେ ଯସ୍ଥାନୀୟ ଲୋକେ ଉକ୍ତ ସ୍ଥାନରେ ବସ ଷ୍ଟାଣ୍ଡ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେଲେ ସ୍ୱଇଚ୍ଛାରେ ଜବରଦଖଲ ଜମି ଖାଲି କରିଦେବେ ବୋଲି ଉପସ୍ଥିତ ଅଧିକାରୀ ଙ୍କୁ କହିଥିଲେ ।ଦୀର୍ଘ ବର୍ଷ ଧରି ଯୋଡା ରେ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ କମାର ଯୋଡା ଠାରେ ଗତ ୨୦୦୯ ମସିହାରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇ ଥିଲା ।ମାତ୍ର ସରକାରୀ ଉଦାସୀନତା ଓ ପୌର ପଳିକ ର ଆନ୍ତରିକତା ଅଭାବ ରୁ ଏ ପର୍ଯ୍ୟନ୍ତ ଏହା ନିର୍ମାଣ କରାଯାଇ ନାହିଁ ।ଯୋଡା ଏକ ମୁଖ୍ୟ ଖଣି ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ଯୋଡା ରୁ ଆଦାୟ ହେଉଥିବା ଡି ଏମ ଏଫ୍ ଟଙ୍କା ରୁ ଜିଲ୍ଲା ର ଅନ୍ୟ ସ୍ଥାନରେ ଅତ୍ୟାଧୁନିକ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଯୋଡ଼ାରେ ବସ ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀବାହୀ ବସ ଚଳାଚଳ ରେ ନାହିଁ ନ ଥିବା ଅସୁବିଧା ଦେଖା ଦେବା ସହିତ ବଡ଼ବିଲ ରୁ ପୁରୀ କୁ ଯାଉଥିବା ସରକାରୀ ଭଲ୍ଭୋ ବସ ଯୋଡା ସହର ମଧ୍ୟକୁ ପ୍ରବେଶ କରି ପାରୁ ନାହିଁ ।ପୂର୍ବ ସରକାର ଯୋଡା ରେ ବସ ଷ୍ଟାଣ୍ଡ ଟିଏ ନିର୍ମାଣ ନିମନ୍ତେ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ବର୍ତମାନ ର ସରକାର ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଏହି ଟିମ୍ ପ୍ରକାଶ କରିଛି ।ତେବେ ଏହି ଟିମ୍ ର ଗସ୍ତ ସମ୍ପର୍କରେ ଯୋଡା ପୌର ପାଳିକ। ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ କହିଛନ୍ତି ଯେ,ଜବର୍ ଦଖଲ କାରୀ ସମସ୍ୟା ଯୋଗୁଁ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ରେ ବିଳମ୍ବ ହେଉଛି ।ଏହାର ସମାଧାନ କରାଯାଇ ନିର୍ମାଣ କାର୍ଯ୍ୟ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି । ଏ ନେଇ ସରକାର ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି ସେ କହିଥିଲେ ।

ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ

ଗଜପତି(ମହାଭାରତ): ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାରୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆଜି ଗଜପତି ଜିଲ୍ଲା ଗୋସାଣୀ ବ୍ଲକ୍ ଅନ୍ତର୍ଗତ ମିଶନ ଶକ୍ତି କାଫେ ନିକଟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ ,ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି, ଶ୍ରୀ ଜି.ତିରୁପତି ରାଓ, ସଭାପତି ,ଜିଲ୍ଲାପରିଷଦ ଗଜପତି, ଶ୍ରୀ ଏନ. ବିରାରାଜୁ ,ଅଧକ୍ଷ,ପ□ାୟତ ସମିତି ଗୋସାଣୀ, ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋସାଣୀ ଓ ତହସିଲଦାର ପାରଳାଖେମୁଣ୍ଡି ଶ୍ରୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପିଇଓ ଙ୍କୁ ଏହି ବିକଶିତ ଗାଁ ବିକଶିତ ଓଡ଼ିଶାର ମାର୍ଗଦର୍ଶିକା ଦିଆଯାଇସରିଛି। ଫେବୁଆରୀ ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି। ଏହି ଯୋଜନାର ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟକାରିତା କରାଇବାକୁ ଏଭଳି ପଦକ୍ଷେପ ନେଇଛନ୍ତି । ଜିଲ୍ଲାର ଉନ୍ନତି ନିମନ୍ତେ ମୌଳିକ ଭି□ଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ କରାଯିବ। ଏହାସହ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଗ୍ରାମ୍ୟ ସଡ଼କ ସଂଯୋଗିକରଣ କରାଯିବ। କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ କରାଯିବୟ ସେହିପରି ନୂତନ ଅଭିନବ ଜନମଙ୍ଗଳ କାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମସ୍ତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ବ୍ଲକ ର ସମସ୍ତ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ଆର୍. ଡି. ଏସ୍. ଡିଗ୍ରୀ କଲେଜରେ ଇଂରାଜୀ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ

କପ୍ତିପଦା -(ମହାଭାରତ)-: କପ୍ତିପଦା -କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍ ଡିଗ୍ରୀ ମହାବିଦ୍ୟାଳୟର ଲାଙ୍ଗୁଏଜ୍ ଲ୍ୟାବ ପ୍ରକୋଷ୍ଠରେ ଇଂରାଜୀ ବିଭାଗ ତରଫରୁ ଏକ୍ସପ୍ଲୋରେସନ ଅଫ ରମାନ୍ସିସିଜମ୍ ଆଣ୍ଡ ସୋସିଆଲିଜିମ୍ : ଏ ଷ୍ଟଡ଼ି ଅଫ୍ ସେକ୍ସପିଆରିନ୍ ପ୍ଲେ ଆଜ୍ ୟୁ ଲାଇକ୍ ଇଟ୍ ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରର ଉଦ୍ଘାଟକ ଭାବେ ଅଧକ୍ଷ ଡ଼ ପ୍ରଦୀପ କୁମାର ଗିରି ଯୋଗ ଦେଇ ବିଷୟ ଉପରେ ଆଲୋକପାତ କରି ଛାତ୍ର, ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଡ. ପ୍ରତିଲଗ୍ନା ସନ୍ତୋଷୀ ମହାକୁଡ ଯୋଗ ଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବିଭିନ୍ନ ଉଦାହରଣ ମାଧ୍ୟମରେ ବିଭାଗୀୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ସମ୍ମାନିତ ଅତିଥି ଭାବେ ଏମ୍. ଏସ୍. ସି. ବି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରତୀକ୍ଷା ମହାନ୍ତି ଯୋଗଦେଇ ତଥ୍ୟାତ୍ମକ ଭିତ୍ତିରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଷେକ ସାହୁ, ଶାନ୍ତିଲତା ଟୁଡୁ, ଜଟିଆ ବାସ୍କେ, ବଦ୍ଧ ମୁର୍ମୁ ପ୍ରମୁଖ ନିଜ ନିଜର ସଂଦର୍ଭ ପାଠ କରିଥିଲେୟ ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେୟ ପରିଶେଷରେ ବିଭାଗୀୟ ଅଧ୍ୟାପକ ମହେନ୍ଦ୍ର ବିନ୍ଧାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ର ଛାତ୍ରୀ, କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଅବ୍ୟବସ୍ଥା ମଧ୍ୟରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ବେଳେ ଚୌକି ପଡିଲା ଖାଲି

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକରେ ଆଜି ଓଡ଼ିଶା ସରକାରଙ୍କ ଦ୍ୱାରା ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମକୁ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ସୌରଭ କଲ୍ୟାଣ ଦାସଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସିଧାସଳଖ ବ୍ଲକ ପରିସରରେ ପରିବେଷଣ କରାଯାଇଥିଲା। ଏହି ପରିପେକ୍ଷାରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇ କିଭଳି ଗାଁର କଣକଣ ବିକାଶ ସେ ସମ୍ପର୍କରେ ବିବରଣୀ ଦିଆଯାଇଥିଲାପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡିଶା ର ସ୍ୱପ୍ନର କାର୍ଯ୍ୟକ୍ରମକୁ ସମସ୍ତେ ସାକାର ନିମନ୍ତେ ସହଯୋଗ ରଖିବାକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନ୍ଫରେନ୍ସ ମାଧ୍ୟମରେ ଆଜି ଖୋର୍ଦ୍ଧା ଠାରେ ଶୁଭାରମ୍ଭ କରିବା ଅବସରରେ ଓଡିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ ।ହିନ୍ଦୋଳ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସ୍ଥିତ ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବାପରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଭାସ ବେଉରା,ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ବରିଷ୍ଠ ବିଜେପି ନେତା ସୁଶାନ୍ତ ପତି, ବିଡ଼ିଓ ସୌରଭ କଲ୍ୟାଣ ଦାସ ବ୍ଲକ ଅଧକ୍ଷକ୍ଷ ସର୍ବିତା ନାଏକ, ଉପାଧକ୍ଷ ବରୁଣ ସର, ଏନଏସି ଉପାଧାକ୍ଷା ପ୍ରତିମା ରାଉତ,କିଛି ସରପ□, ସମିତି

ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅନୁଷ୍ଠାନ ମାନଙ୍କରେ ବିଦାୟ କାଳୀନ ସମ୍ବର୍ଧନା ଏକ ରୀତିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେ ନାହିଁ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଡିଗ୍ରୀ ମହା ବିଦ୍ୟାଳୟ ପରିସରରେ +୩ ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କର ବିଦାୟ କାଳୀନ ସମ୍ବର୍ଧନା ସଭା ଅନୁଷ୍ଠିତ ହୋଇ ଯାଇଅଛ ।ଅନୁଷ୍ଠିତ ସଭାରେ ମହା ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ସତପଥି ସଭାପତ୍ରିବ କରିଥିଲେ। ଏହି ସଭାରେ ଅଣ ଅନୁଦାନ କର୍ମଚାରୀ ସଙ୍ଘର ରାଜ୍ୟ ସଭାପତି ବନମାଳୀ ପଟନାୟକୟ ପୁରାତନ ଛାତ୍ର ସରୋଜ କୁମାର ପାଇକରାୟ। କର୍ମଚାରୀ ସଙ୍ଘ ରାଜ୍ୟ ସଭାପତି ଦୀପକ କୁମାର ସାହୁୟକର୍ମଚାରୀ ସଙ୍ଘ ନେତା ଉମାକାନ୍ତ ଦାଶ ରାଜ କିଶୋର ରଥ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଚାକିରୀ ପଛରେ ନ ଗୋଡ଼ାଇ ଚାଷ ହେଉ ଅବା କମ୍ପୁଟର ଇଞ୍ଜିନିଅର କି ଡାକ୍ତର ହେଉ ନିଜେ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରିଲେ ଛାତ୍ର ଜୀବନର ପ୍ରକୃତ ଉଦେଶ୍ୟ ସାଧିତ ହୋଇ ପାରିବ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇ ଥିଲେୟଏହି ଅବସରରେ ଦୀର୍ଘ ୩୦ ବର୍ଷ ପରେ ଟାଙ୍ଗୀ ଡିଗ୍ରୀ କଲେଜ ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ରେ ସାମିଲ ହୋଇ ପାରିଥିବାରୁ ଉପସ୍ଥିତ ଅତିଥି ଓ ଛାତ୍ର ଛାତ୍ରୀ ମାନେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଭୁରି ଭୁରି ପ୍ରଶଂସା କରିଥିଲେୟ ଏହି ନିଷ୍ପତି କାର୍ଯ୍ୟକାରୀ ହେବା ଫଳରେ ଗ୍ରାମାଞ୍ଚଳରେ ଉଚ୍ଚ ଶିକ୍ଷା ର ମାନ ବୃଦ୍ଧି ପାଇ ପାରିବ ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେୟ ସର୍ବ ଶେଷରେ ଡିଗ୍ରୀ କଲେଜ ର ଉପାଧକ୍ଷ ସଂଜୀବ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେୟଏହା ସହ ଉପସ୍ଥିତ ଛାତ୍ର ଛାତ୍ରୀ ମାନେ କଲେଜ ସମୟରେ ଘଟିଥିବା ବିଭିନ୍ନ ଘଟଣା ବଳୀ ସମ୍ପର୍କରେ ଆଲୋଚନା କରିଥିଲେ।

ଠାକୁରମୁଣ୍ଡା ରେ ବିକଶିତ ଗାଁ ବିକଶିତ ଓଡିଶା ଶୁଭାରମ୍ଭ କାର୍ଯ୍ୟକ୍ରମ

କରଞ୍ଜିଆ, (ମହାଭାରତ) ରାଜ୍ୟ ସରକାର ଙ୍କ ଦ୍ୱାରା ନୂତନ ଭାବରେ ଆରମ୍ଭ ହୋଇଥିବା ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ର ବୁଧବାର ଦିନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସର ରେ ଠାକୁରମୁଣ୍ଡା ବ୍ଲକ ରେ ଶୁଭାରମ୍ଭ କାର୍ଯ୍ୟକ୍ରମ ର ଦୂରଭାଷୀ କାର୍ଯ୍ୟକ୍ରମ ର ଆୟୋଜନ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଠାରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା।ଏହି ଅବସର ରେ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଯାଇଥିବା କାର୍ଯ୍ୟକ୍ରମ ରେ ବିଭିନ୍ନ ଗ୍ରାମପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା,ସାଧାରଣଲୋକ ଙ୍କ ସମେତ ବିଭିନ୍ନ ବିଭାଗ ର ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେୟକାର୍ଯ୍ୟକ୍ରମ ରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, କେନ୍ଦୁଝର ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧକ୍ଷ ସନ୍ତୋଷ ମହାନ୍ତ, ଠାକୁରମୁଣ୍ଡା ବିଡ଼ିଓ ସପ୍ତଶ୍ୱର ବେହେରା, ତହସିଲଦାର ସମିତ କୁମାର କର, ସିଡିପିଓ ପ୍ରେମାଲତା ସେଠୀ ଉପସ୍ଥିତ ଥିଲେୟକାର୍ଯ୍ୟକ୍ରମ କୁ ଠାକୁରମୁଣ୍ଡା ବ୍ଲକ ଏପିଓ ଧାନଚନ୍ଦ ମହାନ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।ଏହି ଅବସର ରେ ଉପସ୍ଥିତ ଅତିଥି ମାନେ ରାଜ୍ୟ ସରକାର ଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଇଥିଲେୟପରେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଶୁଭାରମ୍ଭ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ କୁ ଦୂରଭାଷୀ ମାଧ୍ୟମ ରେ ପଦର୍ଶିତ କରା ଯାଇଥିଲା।

ଚାଷଜମି କମୁଛି କୋଠାବାଡ଼ି ବଢୁଛି

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ବର୍ତ୍ତମାନ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ଚାଷୀ ଚାଷ ନକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛି ।ଚାଷ ଜମିକୁ ଚାଷୀଙ୍କ ଠାରୁ କମ ଦରରେ କିଣି ବା ଶାଗ ମାଛ ଦରରେ କ୍ରୟ କରି ପ୍ଲଟ ଘର ବାରିରେ ପରିଣତକରୁଛନ୍ତି । ଯାହା ଫଳରେ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି । ରାତାରାତି ଲକ୍ଷପତି ବୟ କୋଟିପତି ହୋଇଥାନ୍ତି ଚାଷ ଜମିକୁ ଘର ବାରୀରେ ପରିଣତ କରୁଥିବା ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଯାହା ଫଳରେ ଚାଷ ଜମି କମୁଛି। ପ୍ଲଟ ବେପାର କରି ଏବେ ଲୋକ ଲକ୍ଷ ପତି ଓ କୋଟିପତି ହୋଇପାରିଛନ୍ତି ।ସକାଳ ହେଲେ ଟ୍ରେଜେରୀ ରାସ୍ତାରେ ଭିଡ଼ ଜମି ପ୍ଲଟ ବେପାରି ଓ ମଧ୍ୟସ୍ଥତାଙ୍କର କାଗଜ ଦେଖାଇ ସହଜ ଉପାୟରେ ବିନୟପାରିଶ୍ରମରେ ଲକ୍ଷ ପତି ଓ କୋଟିପତି ହେବାର ଆଶା ଏପରିକୀ ଯାହା ପାଖରେ ଖାଇବାରକୁ ନଥିଲା ସେ କୋଟି ପତି ଓ ଲକ୍ଷ ପତି କୋଠା ବାଡ଼ି ବ୍ୟାଙ୍କ ବାଲାନ୍ସ ସମସ୍ତଙ୍କୁ ଜଣା ଏପରିକି ସରକାରୀ କାର୍ଯ୍ୟରତ କର୍ମଚାରୀ ମାନେ ମଧ୍ୟ ଏହି ପ୍ଲଟ ବେପାର କରି ଲକ୍ଷ ପତି ଓ କୋଟି ପତି ହେଉଛନ୍ତି । ଏଣୁ ନୂତନ ସରକାର ଚାଷୀଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷ ଜମି ପ୍ଲଟ ହେବ ନାହିଁକି ଘର ବାରିରେ ପରିଣତ ହେବ ନାହିଁ ଚାଷ ଜମି ରହିବ ଚାଷି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବ ନାହିଁ ଜମିରେ ସୁନାର ଫସଲ ଫଳିବ ଖାଦ୍ୟ ଶସ୍ୟର ଅଭାବ ରହିବ ନାହିଁ ନହେଲେ ଖାଦ୍ୟ ଶସ୍ୟର ସଙ୍କଟ ଦେଖାଦେବ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଗଜପତି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଗଜପତି,ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅଧିବାସୀ ଉତ୍ତୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ସଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଯୋଗଦେଇ ଚଳିତ ନିଯୁକ୍ତି ମେଳାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ଫେବୃଆରୀ ମାସ ୨୮ ତାରିଖରେ ଦିନ ରାୟଗଡ ବ୍ଲକ୍ ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ଜିଲ୍ଲାର ସମସ୍ତ ବ୍ଲକର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଜିଲ୍ଲାର ୭ଟି ବ୍ଲକର ଏକ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଭିତିକ ପ୍ରଶିକ୍ଷଣ ତଥା ନିଯୁକ୍ତି ଦେବା ନିମନ୍ତେ ଚୟନ କରାଯିବ। ନିଯୁକ୍ତି ମେଳାରେ ବିଭିନ୍ନ ବେସରକାରୀ ନିଯୁକ୍ତିଦାତା ସଂସ୍ଥା ଏବଂ ନିଯୁକ୍ତି ଭିତିକ ପ୍ରଶିକ୍ଷଣ ସଂସ୍ଥା ଯୋଗଦେବେ। ନିଯୁକ୍ତି ମେଳାରେ ସପ୍ତମ ଶ୍ରେଣୀ ଠାରୁ ସ୍ନାତକ ଡିଗ୍ରୀଧାରୀ ପର୍ଯ୍ୟନ୍ତ ଏବଂ ଡିପ୍ଲୋମା ଧାରୀ ଯୁବକ ଯୁବତୀମାନେ ବହୁଳ ଭାବରେ ନିଯୁକ୍ତି ମେଳାରେ ଯୋଗଦେବେ।

ପ୍ରତ୍ୟେକ ବ୍ଲକରେ ଯେପରି ଦୁର୍ଗମ ଅଞ୍ଚଳର ଯୁବକ ଯୁବତୀମାନେ ଯେପରି ନିଯୁକ୍ତି ମେଳାରେ ଯୋଗଦେବେ ସେଥିପାଇଁ ଗ୍ରାମ ପଞ୍ଚାୟତ ସରପଞ୍ଚ, ୱାର୍ଡମେମ୍ବର ମାନଙ୍କ ଜରିଆରେ ତଥା ପଞ୍ଚାୟତ ସ୍ତରରେ ସଚେତନତା କରାଯିବ। ପ୍ରତ୍ୟେକ ବ୍ଲକର ସଦର ମହକୁମାରେ ବ୍ୟାନର ପୋଷ୍ଟର ମରାଯାଇ ପ୍ରଚାର ଓ ପ୍ରସାର କରାଯିବ । ଜିଲ୍ଲାର ସମସ୍ତ ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ ପାଇଁ ନିଯୁକ୍ତି ମେଳାରେ ଯୋଗଦେବା ନିମନ୍ତେ ଜିଲ୍ଲାପାଳ କହିଛନ୍ତି। ଉକ୍ତ ନିଯୁକ୍ତି ମେଳାରେ ୪୦ ରୁ ଅଧିକ ନିଯୁକ୍ତି ଭିତିକ ତାଲିମ ପ୍ରଦାନକାରୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ସମସ୍ତ ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯୋଗଦନ କରିବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି ।ନିଯୁକ୍ତି ମେଳାରେ ସୂଚାରୁ ରୂପେ ପାନୀୟ ଜଳ ଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ମେଳା ପଡିଆ ସଫେଇ ଆଦି କାର୍ଯ୍ୟ ସମ୍ପାଦନ ପାଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଶିବାଶିଷ ସାହୁ, ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ,ଜିଲ୍ଲା ଶିକ୍ଷ କେନ୍ଦ୍ର ପରିଚାଳକ ଶ୍ରୀ ସୁନାରାମ ସିଂ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ଆରମ୍ଭ ରୁ ଫୁଲ ମୁଖ୍ୟମନ୍ତ୍ରୀ ଙ୍କ ଭାଷଣ ବେଳେ ଖାଲିୟ

ହାଟଡିଡି(ମହାଭାରତ): ହାଟଡିହି ସାରା ଓଡ଼ିଶା ରେ ଗାଁ ଗୁଡ଼ିକ ବିକାଶ କରିବାକୁ ରାଜ୍ୟ ସରକାର ପ୍ରତି ଜିଲ୍ଲା ଓ ବ୍ଲକ ସ୍ତରରେ ଅଭାଶୀ ମାଧ୍ୟମ ରେ ଏକ ସାଧାରଣ ସଭା ଅନୁଷ୍ଠିତ କରିଥିଲେ। ଯାହାକୁ ନେଇ ମହିଳା ମାନେ ଏହି ସଭାରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ଏହି ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ କିପରି ଗାଁ ରୁ ସହର ସବୁଠି ବିକାଶ ହେବ , ଶିକ୍ଷା ଓ କ୍ରୀଡା, ସାଙ୍କୁ ପୁରୁଣା ମଠ ମନ୍ଦିର ମାନଙ୍କୁ ମଧ୍ୟ ଉତ୍ତି କରଣ କରାଯିବା ତାହା ଛଡ଼ା ଗାଁ ଗୁଡ଼ିକ ରେ ବିକାଶ ଦୁଇ ଗୁଣ ଅଧିକ ହେବ ବୋଲି ମୁଖ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କିଛି ସମୟ ପାଇଁ ଯୋଗ ଦେଇଥିଲେ, ଏହି ବ୍ଲକ ର ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ, କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ବିପିଏମ ମଧୁସ୍ମିତା ଦାସ ରହି ଏମ୍ବିକେ,ସିଆରପି ମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରି ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ଜେନା, ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନି ଖାଦ୍ୟ ବଣ୍ଟନ ଦାୟିତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ କୌଣସି ସରପ□ ସଭ୍ୟ ଯୋଗ ଦେଇନଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମ ଶେଷରେ ଓଡ଼ିଶା ର ମୁଖ୍ୟ ମନ୍ତ୍ରୀ ମୋହନ ମାଝି ଭାଷଣ ଆରମ୍ଭ କରିବା ମାତ୍ରେ ବସିଥିବା ମହିଳା ମାନେ ସ୍ଥାନ ଛାଡ଼ି ଭୋଜନ ନିମନ୍ତେ ଚାଲି ଯାଇଥିଲେ। ଯାହାକୁ ନେଇ ବିଡ଼ିଓ ବାରମ୍ବାର ବସିବାକୁ ଅନୁରୋଧ କରିଥିଲେ ସୁଦ୍ଧା କୌଣସି ମହିଳା ଶୁଣି ନଥିଲେ ଯାହାକୁ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ଓ ବିଡ଼ିଓ କ୍ଷୋଭ ପ୍ରକାଶ କରିଥିଲେ । ସଭା ଟି ପୂର୍ଣ୍ଣାଙ୍ଗ ନହେବା ପୂର୍ବରୁ ଏପରି ଉଠିଯିବା କି ପ୍ରକାର ଭଦ୍ରାମି ବୋଲି ପ୍ରଶ୍ନ କରିଥିଲେ। ଏହି ସଭାରେ ଏପରି ଘଟଣା ଦେଖିଲେ ଲୋକ ଙ୍କ ର କେବଳ ସଭା ସମିତି ରେ ବୁଲିବା କୁ ଆସିବା ଗୋଟିଏ ଲକ୍ଷ୍ୟ ବୋଲି ଆଲୋଚନା କରାଯାଉଛି।

ସମ୍ମାନ ନାଁ ଥିବା ରୁ ଟଙ୍କା ଉଠାଇ ନେଲେ ନକଲି

ହାଟଡିଡି(ମହାଭାରତ): ହାଟଡିହି ବ୍ୟାଙ୍କ ରେ ଦେଖିବାକୁ ମିଳିଛି ଏପରି ଏକ ଅଦ୍ଭୁତ ଘଟଣା। ମଙ୍ଗଳ ବାର ଦିନ ମଠ ନାହାଳିଆ ଗାଁର କୁନି ଜେନା ସ୍ୱାମୀ ପ୍ରଦୀପ ଜେନା ଙ୍କ ବ୍ୟାଙ୍କ ଖାତା ରୁ ପନ୍ଦାଡୋ ଗ୍ରାମ ର କୁନି ଜେନା ଟଙ୍କା ପୂର୍ବରୁ ୭୬୦୦ଟଙ୍କା ଉଠାଣ କରିଛନ୍ତି। ଯାହାକୁ ନେଇ ମଠ ଗାଁ ର କୁନି ଗ୍ରୁପ କିସ୍ତି ଟଙ୍କା ଦେବାକୁ ବ୍ୟାଙ୍କ ଯିବା ଫଳରେ ଟଙ୍କା ଉଠାଇବା ବେଳେ ଏକାଉଣ୍ଟ ଖାଲି ଅଛି ଦେଖି ଡାକୁବ ହୋଇଥିଲେ।ମୁଁ ରଖିଥିବା ଟଙ୍କା କିଏ ନେଲା ବୋଲି ପ୍ରଶ୍ନ କରିବା ପରେ ପାସବହି ଦେଖିବାକୁ ବେଳକୁ ସେହି ଟଙ୍କା ପନ୍ଦାଡୋ ଗାଁ ର କୁନି ଜେନା ନେଇଯାଇଛନ୍ତି। ପରେ ବ୍ୟାଙ୍କ ଖୋଲ ତାଡ଼ କରିବା ପରେ ସତ୍ୟା ସତ ଜାଣିବାକୁ ପାଇଥିଲା। ମଠ କୁନି ଜେନା ଙ୍କୁ ବ୍ୟାଙ୍କ କର୍ମଚାରୀ ୭୬୦୦ଟଙ୍କା ଦେଇ ଘଟଣା ସମାଧାନ କରିଥିଲେ ସୁଦ୍ଧା ପନ୍ଦାଡୋ କୁନି ଜେନା ଏବେ ସୁଦ୍ଧା ଟଙ୍କା ଫେରସ୍ତ କରିନଥିବାରୁ ବ୍ୟାଙ୍କ କର୍ମଚାରୀ ବାରମ୍ବାର ତାଙ୍କ ଘରକୁ ଯାଇ ନିରାଶ ଫେରୁଛନ୍ତି ।ଅପେକ୍ଷା କେବେ ପନ୍ଦାଡୋ କୁନି ଟଙ୍କା ଫେରସ୍ତ କରୁଛନ୍ତି। ବ୍ୟାଙ୍କ ର ଏଭଳି ତ୍ରୁଟି ପାଇଁ ଅନ୍ୟ ଗ୍ରାହକ ଙ୍କୁ ଏବେ ଏହି ଘଟଣା ଚିନ୍ତିତ କରିଛି।

କୋକସରା ରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ

କୋକସରା,(ମହାଭାରତ): ବିକଶିତ ଗାଁ ବିକଶିତ ଓଡ଼ିଶା' ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପାନୀୟ ଜଳ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛ। ଏହି ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ବିକାଶମୂଳକ ପ୍ରକଳ୍ପ କରାଯିବ। ବ୍ଲକସ୍ତରରେ ବାର୍ଷିକ ଉତ୍ତତିମୂଳକ କାର୍ଯ୍ୟ ପାଇଁ ଯୋଜନା କରାଯିବ ।ଏହି କାର୍ଯ୍ୟକ୍ରମ କୁ ନେଇ କୋକସରା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ପରିସରରେ ବୁଧବାର 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦ ପ୍ରତିନିଧି ପ୍ରମୋଦ ପ୍ରଧାନ, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ବିଡ଼ିଓ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ଜିଲ୍ଲାପରିଷଦ ସଭ୍ୟ ତ୍ରିନାଥ ବାଗ ପ୍ରମୁଖ ଉପସ୍ଥିତ ହୋଇ ଏହି ଯୋଜନା ଦ୍ୱାରା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ରେ ବିକାଶକୁ ଦ୍ୱିଗୁଣିତ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଆମ ଗାଁ ଗୁଡିକ ହେଉଛି, ଆମ ଦେଶର, ଆମ ରାଜ୍ୟର ଆତ୍ମା । ଆମ ଜନସଂଖ୍ୟାର ଏକ ବଡ ଅଂଶ ଗାଁରେ ହିଁ ବସ ବାସ କରନ୍ତି। ଗାଁର ବିକାଶରେ ହିଁ ଓଡିଶାର ବିକାଶ । ଦେଶର ବିକାଶ । ସେଥିପାଇଁ ସରକାର 'ବିକଶିତ ଗାଁ, ବିକଶିତ ଓଡିଶା'ର ପରିକଳ୍ପନା କରିଛନ୍ତି ବୋଲି ମତପ୍ରକାଶ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ଲକ କର୍ମଚାରୀ ମାନେ ବିଶେଷ ସହଯୋଗ କରିଥିଲେ ।ଏମ୍ ବି କେ, ସିଆରପି ମିଶନଶକ୍ତି ମହିଳା ଓ ସମସ୍ତ ପଞ୍ଚାୟତ ର ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ରାତି ଅଧରେ ପ□ାୟତ ମୁଖିଆ ଦେଖି ଲୋକେ ଛାନିଆୟ

ହାଟଡିହି ଏବେ ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ବାଗ ଦେବୀ ଙ୍କ ପୂଜା ସରିଯାଇଥିବା ବେଳେ ଭାଷଣି ଉତ୍ସବ ଅନୁଷ୍ଠିତ ହେଉଛି। ସେହି ପରି ସତଙ୍ଗ ପଞ୍ଚାୟତ ରେ ବିଭିନ୍ନ ସ୍ଥାନରେ ମା ସରସ୍ତୀ ଙ୍କ ପୂଜା ସରିଯାଇଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ପଞ୍ଚାୟତ ମୁଖିଆ ଙ୍କୁ ଲୋକେ ଉତେଜନା ପୂର୍ଣ୍ଣ ଅବସ୍ଥା ରେ ଦେଖିବାକୁ ପାଇଥିଲେ ଏକ ମହିଳା ଙ୍କ ଘର ନିକଟରେୟ ସେତେବେଳେ ପାଖା ପାଖି ରାତି ୧୨.୨୦ ସମୟୟ ଏହି ସମୟ ରେ ଗୋଟିଏ ଲୁଙ୍ଗି ସହ ଗାମୁଛା ଧରି ସରମଙ୍ଗା ଗାଁ ନିକଟରେ ଥିବା ଏକ ମହିଳା ଙ୍କ ଘର ପିଣ୍ଡା ଉପରେ ସୋଇଥିବା ଦେଖି ଗ୍ରାମ ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ଲୋକେ ଭଲ ଲୋକ ଭାବି ମୁଖିଆ ଙ୍କୁ ବାଛି ଥିବା ବେଳେ ଏପରି ଅବସ୍ଥା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ସେତେବେଳେ ମୁଖିଆ ପିନ୍ଧା ଲୁଗା ଆଉ ତାଙ୍କ ଦେହରେ ନଥିଲା ଏହି ସମୟ ରେ ଗ୍ରାମ ବାସୀ ମାନେ ତାଙ୍କ ଲୁଗା ପରିଧାନ କରେଇବାକୁ ଉଠାଇବା ବେଳେ ସେ ସେହି ଗାଁ ର ଏକ ମହିଳା ଜାବୁଡ଼ି ଧରିଲେୟ ଯାହାକୁ ନେଇ ତାଙ୍କୁ ଛଡ଼ାଇ ଆଣିବା ପରେ ମୁଖିଆ ଗାଳି ଗୁଲଜ କରିଥିଲେ। ଗାଁ ପିଲା ମାନେ ତାଙ୍କ ଭଲ ଭାବରେ ଉତ୍ତମ ମାଧ୍ୟମ ଦେଇ ସାରି ଆଣି ନିଜ ଘରେ ଛାଡ଼ି ଥିଲେୟ ଏହ

ବେଦାନ୍ତ ଆଇଓଓ ଡିଏମଏଫ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ

ନୂଆଦିଲ୍ଲୀ,୫।୨(ଏଜେନ୍ସି): ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) ନାଡିଡିହୀ ଏବଂ ରେଗାଲବେଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବାକୁ ସୁବିଧା ପ୍ରଦାନ କରିଛି ଏବଂ ସେମାନଙ୍କୁ ସେମାନଙ୍କର ଗ୍ରାହକ ଏବଂ ପହଂଚକୁ ବିସ୍ତାର କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଛି। ଐତିହାସିକ ସୂର୍ଯ୍ୟ ମନ୍ଦିର, କୋଣାର୍କରେ ଓଡ଼ିଶା ସରକାରଙ୍କ ସହଯୋଗରେ ଖଣି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଡିଷ୍ଟ୍ରିକ୍ ମିନେରାଲ ଫାଉଣ୍ଡେସନ (ଡିଏମଏଫ) ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ଏସଏଚଜିଗୁଡ଼ିକୁ ଉତ୍ସାହିତ ଏବଂ ସମର୍ଥନ କରାଯାଇଥିଲା। ଏହି ପଦକ୍ଷେପ ଦକ୍ଷତା ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀଗୁଡ଼ିଙ୍କୁ ଅର୍ଥପୂର୍ଣ୍ଣ ଭାବରେ ସଶକ୍ତ କରିବା ପାଇଁ ବେଦାନ୍ତ ଆଇଓଓର ପ୍ରୟାସର ଏକ ଅଂଶ ଥିଲା। 'ନିରନ୍ତର ବିକାଶ ଦ୍ୱାରା ସ୍ଥାନୀୟ ଗୋଷ୍ଠୀଙ୍କୁ ସଶକ୍ତ କରିବା' ବିଷୟବସ୍ତୁ ସହିତ ପ୍ରଦର୍ଶନୀ ସଂପ୍ରଦାୟଗୁଡ଼ିକୁ ଉନ୍ନତ କରିବା ପାଇଁ ପରିକଳ୍ପିତ ପରିବର୍ତନମୂଳକ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିଥିଲା। ଆଇଓଓ ଏହାର ସାମାଜିକ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରି ଏକ କାର୍ଯ୍ୟକ୍ଷମ କିଓସ୍କ ସ୍ଥାପନ କରିଥିଲା। ଜୋତା ତିଆରି ୟୁନିଟ୍ ଏବଂ ଛତୁ ଚାଷ ୟୁନିଟ୍, ଯାହା ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଏବଂ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ କଂପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

ଡିଏମଏଫ ପ୍ରଦର୍ଶନୀରେ ବିଭିନ୍ନ ସଂଗଠନ ଏବଂ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଯୋଗଦେଇ ଆଇଓଓର ଷ୍ଟଲ ପରିଦର୍ଶନ କରିଥିଲେ। ସେ କହିଥିଲେ, 'ବେଦାନ୍ତର ପଦକ୍ଷେପଗୁଡ଼ିକ ଉଦାହରଣ ଦେଇଥାଏ ଯେ, ଶିଳ୍ପଗୁଡ଼ିକ କିପରି ସ୍ଥାନୀୟ ଗୋଷ୍ଠୀଗୁଡ଼ିଙ୍କୁ, ବିଶେଷକରି ମହିଳାମାନଙ୍କୁ ସଶକ୍ତ କରି ସ୍ଥାୟୀ ବିକାଶକୁ ଆଗେଇ ନେଇପାରିବ। ଚପଲ ତିଆରି ଏବଂ ଛତୁ ଚାଷ ପ୍ରକଳ୍ପଗୁଡ଼ିକ କେବଳ ଜୀବିକା ପ୍ରଦାନ କରୁନାହିଁ ବରଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି କରୁଛି।

ମହାକୁମ୍ଭ ଦଳାଚକଟାର ସମ୍ପୂର୍ଣ୍ଣ ତଥ୍ୟ ଲୁଚାଉଛନ୍ତି ଯୋଗୀ

ନୂଆଦିଲ୍ଲୀ,୫।୨(ଏଜେନ୍ସି): ମହାକୁମ୍ଭ ଦଳାଚକଟାକୁ ନେଇ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ସାଂସଦ ଅଖିଳେଶ ଯାଦବ ସଂସଦରେ ଯୋଗୀ ସରକାରଙ୍କୁ କରିଛନ୍ତି କଡ଼ା ଟାର୍ଗେଟ । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଉପରେ ଦଳାଚକଟାର ସମ୍ପୂର୍ଣ୍ଣ ସତ୍ୟ ଲୁଚାଇବାର ଅଭିଯୋଗ ଆଣିଥିଲେ ଅଖିଳେଶ । ସେ ଏହି ଦୁର୍ଘଟଣା ସମ୍ପର୍କରେ କିଛି ଦାବି ମଧ୍ୟ କରିଥିଲେ ଏବଂ କହିଥିଲେ ଯେ ଯଦି ତାଙ୍କର ଦାବି ଭୁଲ ପ୍ରମାଣିତ ହୁଏ, ତେବେ ସେ ତାଙ୍କ ପଦବୀରୁ ଇସ୍ତଫା ଦେବେ । ସଂସଦରେ ଅଖିଳେଶ ଯାଦବ ମହାକୁମ୍ଭରେ ହୋଇଥିବା ଦଳାଚକଟାରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ । ସର୍ବପ୍ରଥମେ ସେ କହିଥିଲେ ଯେ ମହାକୁମ୍ଭରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଲୋକସଭାରେ ନୀରବତା ପାଳନ କରାଯିବା ଉଚିତ୍ । ଏହା ପରେ ସେ କହିଲେ,ମହାକୁମ୍ଭରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ବାହାର କରାଯିବା ଆବଶ୍ୟକ । ମହାକୁମ୍ଭ ସମୟରେ ବିପର୍ଯ୍ୟୟ ପରିଚାଳନା ଏବଂ ହଜିଯାଇଥିବା କେନ୍ଦ୍ରର ଦାୟିତ୍ୱ ସେନାକୁ ଦିଆଯିବା ଉଚିତ । ଏହି ଦୁର୍ଘଟଣା ପାଇଁ ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରାଯାଉ । ଯେଉଁମାନେ ସତ୍ୟକୁ ଲୁଚାଉଛନ୍ତି ସେମାନଙ୍କୁ ମଧ୍ୟ ଦଣ୍ଡ ଦିଆଯିବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି ଅପରାଧର ଦଣ୍ଡ କିଏ ବହନ କରିବ ? କୁମ୍ଭର ଏତେ ପ୍ରଚାର କରାଗଲା । ଗଣମାଧ୍ୟମ ରିପୋର୍ଟରେ ଏହା ଆସିଥିଲା ଯେ ୧୦୦ କୋଟି ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ସରକାର ଶୁଭ ସମୟ ବଦଳରେ ନିଜ ଇଚ୍ଛାରେ ବୁଡ ପକାଇବା ସମୟ ନିର୍ଦ୍ଧାରିତ କଲେ,ଯାହା ଦ୍ୱାରା ସନାତନ ପରମ୍ପରା ଭଙ୍ଗ ହୋଇଛି । ଲୋକମାନେ ପୁଣ୍ୟ ଅର୍ଜନ କରିବାକୁ ଆସିଥିଲେ କିନ୍ତୁ ସାଙ୍ଗରେ ସେମାନଙ୍କର ପ୍ରିୟଜନଙ୍କ ମୃତଦେହ ନେଇ ଯାଇଛନ୍ତି । ଭକ୍ତମାନଙ୍କ ଏକାଧିକ ମୃତଦେହ ମିଳିଲା, କିନ୍ତୁ ସରକାର ମୃତ୍ୟୁକୁ ସ୍ୱୀକାର କରୁନାହାନ୍ତି । ଯେତେବେଳେ ସୂଚନା ମିଳିଲା ଯେ କିଛି ଲୋକ ପ୍ରାଣ ହରାଇଛନ୍ତି, ସେତେବେଳେ ସରକାର ହେଲିକପ୍ଟରରେ ଫୁଲ ପକାଇବା ଆରମ୍ଭ କଲେ । ଏହା କେଉଁ ପ୍ରକାର ସନାତନ ପରମ୍ପରା ? ଏହା ପରେ ଅଖିଳେଶ ତାଙ୍କ ଦାବିର ସମର୍ଥନରେ କହିଛନ୍ତି, 'ଯଦି ମୁଁ ଭୁଲ, ତେବେ ମୁଁ ଆପଣଙ୍କୁ ମୋର ଇସ୍ତଫା ପ୍ରଦାନ କରୁଛି '।

ଟ୍ରମ୍ପଙ୍କୁ ପାଲଟା ଜବାବ ଦେଲା ଚୀନ୍

ବେଜିଂ,୫।୨(ଏଜେନ୍ସି): ଚୀନ୍ ଆମେରିକା ଉପରେ ନୂତନ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ଏହି ଶୁଳ୍କ ଫେବୃଆରୀ ୧୦ ତାରିଖରୁ ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ କାର୍ଯ୍ୟକାରୀ ହେବ । ଏହାର ଉତ୍ପାଦ ଉପରେ ଲାଗୁ ହୋଇଥିବା ଶୁଳ୍କ ପ୍ରତି ଜବାବରେ ଚୀନ୍ ଏହି ପଦକ୍ଷେପ ନେଇଛି । ଆମେରିକା ଚୀନ୍ ଉତ୍ପାଦ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଛି । ଏହାର ଜବାବରେ ଚୀନ୍ ମଧ୍ୟ ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିଛି । ମଙ୍ଗଳବାର ଦିନ ଚୀନ୍ ଅର୍ଥ ମନ୍ତ୍ରଣାଳୟ ଆମେରିକୀୟ ଉତ୍ପାଦ ଉପରେ ୧୦ ରୁ ୧୫ ପ୍ରତିଶତ ଶୁଳ୍କ ଲଗାଇବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି । ବେଜିଂର ଶୁଳ୍କ ଆମେରିକାରୁ ଚୀନର ବଡ କାର, ପିକଅପ୍ ଟ୍ରକ୍, ଏଲଏନଜି, ଅଶୋଧିତ ତେଲ ଏବଂ କୃଷି ଯନ୍ତ୍ରପାତି ଆମଦାନୀକୁ ପ୍ରଭାବିତ କରିବ । ଚୀନ୍ କୋଇଲା ଏବଂ ପ୍ରାକୃତିକ ଗ୍ୟାସ ଉପରେ ୧୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଏବଂ ପେଟ୍ରୋଲିୟମ୍, କୃଷି ଉପକରଣ, ଉଚ୍ଚ ନିର୍ଗମନ ଯାନ ଏବଂ ପିକଅପ୍ ଟ୍ରକ୍ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି । ଚୀନ୍ କିଛି ପ୍ରମୁଖ ଖଣିଜ ପଦାର୍ଥର ରପ୍ତାନି ଉପରେ ନିୟନ୍ତ୍ରଣ ଲାଗୁ କରିଛି । ଏହା ସହିତ, ଗୁଗୁଲ୍ ଏବଂ କିଛି ଆମେରିକୀୟ କମ୍ପାନୀ ବିରୁଦ୍ଧରେ ତଦନ୍ତ ଆରମ୍ଭ ହୋଇଛି । ଆମେରିକା ଏବଂ ଚୀନ୍ ପରସ୍ପର ଉପରେ ଶୁଳ୍କ ଲଗାଇବା ଯୋଗୁ, ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ବିବାଦ ବୃଦ୍ଧି ପାଇଛି । ଏହି କାରଣରୁ ଆଗାମୀ ଦିନରେ ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ତୀବ୍ର ହେବାର ସମ୍ଭାବନା ରହିଛି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଏହି ଉତ୍ତେଜନା ଆରମ୍ଭ ହୋଇଥିଲା । ଆମେରିକା ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିଛି । ଏହି ଦେଶଗୁଡ଼ିକରେ ଚୀନ୍ ମଧ୍ୟ ଅନ୍ତର୍ଭୁକ୍ତ । ଆମେରିକା ପକ୍ଷରୁ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିବା ପରେ ଚୀନ୍ ଅସନ୍ତୋଷ ପ୍ରକାଶ କରିଛି । ଚୀନର ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଆମେରିକା ଦ୍ୱାରା ଏକପାଖିଆ ଶୁଳ୍କ ଲାଗୁ କରିବା ଡବ୍ଲୁଟିଓ ନିୟମର ଖୋଲା ଉଲ୍ଲଂଘନ । ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଚୀନ୍ ଏବଂ ଆମେରିକା ମଧ୍ୟରେ ସ୍ୱାଭାବିକ ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଯୋଗକୁ ଦୁର୍ବଳ କରିବାର ଆଶଙ୍କା ରହିଛି । ଚୀନ୍ ଆମେରିକୀୟ ଟେକ୍ ଜ୍ୟାଣ୍ଟ୍ ଗୁଗୁଲ୍ ବିରୋଧରେ ଏକାଧିକାର ବିରୋଧୀ ତଦନ୍ତ ଆରମ୍ଭ କରିଛି । ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ରପ୍ତାନି ନିୟନ୍ତ୍ରଣ ତାଲିକାରେ ଟଙ୍ଗଷ୍ଟନ, ଟେଲୁରିୟମ୍, ବିସମୁଥ୍, ମୋଲିବଡେନମ୍ ଏବଂ ଇଣ୍ଡିୟମ୍ ଯୋଡିଛି । ଚୀନ୍ ଆମେରିକାର ପୋଷାକ କମ୍ପାନୀ ପିଭିଏଚ ଏବଂ ବାୟୋଟେକ୍ନୋଲୋଜି କମ୍ପାନୀ ଇଲୁମିନାକୁ ଏହାର ଅବିଶ୍ୱାସ ସଂସ୍ଥା ତାଲିକାରେ ଯୋଡିଛି । ଚୀନ୍ ସରକାର କହିଛନ୍ତି ଯେ, ଏହି ସଂସ୍ଥାଗୁଡ଼ିକ ଚୀନ୍ ଉଦ୍ୟୋଗଗୁଡ଼ିକ ସହିତ ସାଧାରଣ କାରବାରରେ ବାଧା ସୃଷ୍ଟି କରୁଛନ୍ତି ଏବଂ ସେମାନଙ୍କ ବିରୁଦ୍ଧରେ ପକ୍ଷପାତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଦେଶରେ ଆମିଷ ନିଷେଧ ହେଉ

ନୂଆଦିଲ୍ଲୀ,୫।୨(ଏଜେନ୍ସି): ଟିଏମସି ସାଂସଦ ସତ୍ରୁଘ୍ନ ସିହ୍ନାଙ୍କ ବକ୍ତବ୍ୟ ସମସ୍ତଙ୍କୁ ଚକିତ କରିଛି । ସେ କହିଛନ୍ତି ଦେଶରେ ସମାନ ନାଗରିକ ସଂହିତା ଲାଗୁ ହେବା ଉଚିତ। କିନ୍ତୁ ଏହା ପୂର୍ବରୁ ଏହା ଉପରେ ଆଲୋଚନା ହେବା ଆବଶ୍ୟକ । ଗୋମାଂସ ନିଷେଧ ସହ ଆମିଷ ନିଷେଧକୁ ସେ ସମର୍ଥନ କରିଛନ୍ତି । ଉତ୍ତରାଖଣ୍ଡରେ ଲାଗୁ ହୋଇଥିବା ସମାନ ନାଗରିକ ସଂହିତାକୁ ପ୍ରଶଂସା କରିଛନ୍ତି । ଶତ୍ରୁଘ୍ନ ସିହ୍ନାଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି, ଯେତେବେଳେ ଗୁଜରାଟରେ ମଧ୍ୟ ସମାନ ନାଗରିକ ସଂହିତା ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଗୁଜରାଟରେ ୟୁସିସି ପ୍ରସ୍ତୁତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି । ଏହାର ନେତୃତ୍ୱ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ଦେଶାଇ ନେବେୟ ରଞ୍ଜନା ଦେଶାଇ ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହୋଇଥିବା ୟୁସିସିର ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। ସଂସଦ ବାହାରେ ଗଣମାଧ୍ୟମ ସହିତ ଆଲୋଚନା ସମୟରେ ଟିଏମସି ସାଂସଦ ଶତ୍ରୁଘ୍ନ ସିହ୍ନା କହିଛନ୍ତି, ଉତ୍ତରାଖଣ୍ଡରେ ଯାହା ଘଟିଛି, ପ୍ରଥମ ଦୃଷ୍ଟିକୋଣରୁ, ଆମେ ସମସ୍ତେ କହୁଛୁ ତାହା ପ୍ରଶଂସନୀୟ । ସମାନ ନାଗରିକ ସଂହିତା ରହିବା ଉଚିତ, ଏହା ଯେକୌଣସି ଦେଶରେ ରହିବା ଉଚିତ ଏବଂ ସମସ୍ତ ଦେଶବାସୀ ଏହାକୁ ଗ୍ରହଣ କରିବେ । ସେ ଆହୁରି ମଧ୍ୟ କହିଛନ୍ତି, ୟୁସିସିରେ ଅନେକ ଜଟିଳତା ରହିଛି ଯାହାକୁ ସମାଧାନ କରିବାକୁ ପଡିବ । ସେ କହିଥିଲେ ଯେ ୟୁସିସିରେ ଅନେକ ଲୋକ ଏବଂ ସମାଜର ଅନେକ ବର୍ଗର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ । ଏହା ଦେଖାଯିବା ଉଚିତ୍ ନୁହେଁ ଯେ ଆପଣ ଏହାକୁ ଭୋଟ୍ ପାଇଁ କିମ୍ବା ନିର୍ବାଚନ ପାଇଁ କାର୍ଯ୍ୟକାରୀ

କରୁଛନ୍ତି । ଗୋମାଂସ ନିଷେଧ ପ୍ରସଙ୍ଗ ଉଠାଇ ଶତ୍ରୁଘ୍ନ ସିହ୍ନା କହିଛନ୍ତି, ଏହାକୁ ଅନେକ ସ୍ଥାନରେ ନିଷେଧ କରାଯାଇଛି ଏବଂ ଏହା ଠିକ । ସେ କହିଥିଲେ, ଯଦି ଆପଣ ମତେ ପଚାରନ୍ତି, ଗୋମାଂସ ନିଷେଧ ଠିକ୍ । ପୁରା ଦେଶରେ ଗୋମାଂସ କାହିଁକି, ଆମିଷ ନିଷେଧ ହେବା ଉଚିତ୍ ଏହା ମୋର ମତ । କେନ୍ଦ୍ର ପ୍ରତି ଅସନ୍ତୋଷ ପ୍ରକାଶ କରି ସେ କହିଛନ୍ତି ଯେ ଆପଣ ଅନେକ ସ୍ଥାନରେ ଗୋମାଂସକୁ ନିଷିଦ୍ଧ କରିଛନ୍ତି ଏବଂ ଅନେକ ସ୍ଥାନରେ ଏହାକୁ ନିଷିଦ୍ଧ କରିନାହାଁନ୍ତି । ଉତ୍ତର-ପୂର୍ବରେ କ'ଣ ଅଛି ? ସେ କହିଛନ୍ତି ଯେ ଗୋମାଂସ ସମ୍ପର୍କରେ ଉତ୍ତର ଭାରତରେ 'ମମି' ଏବଂ ଉତ୍ତର-ପୂର୍ବରେ 'ୟୁମି' ନୀତି କାମ କରିବ ନାହିଁ। ସମାନ ନାଗରିକ ସଂହିତା ବିଷୟରେ କହିବା ସମୟରେ ଶତ୍ରୁଘ୍ନ ସିହ୍ନା କହିଥିଲେ ଯେ ୟୁସିସିରେ ଅନେକ ଜଟିଳତା ରହିଛି । ଏହା ଉପରେ ଆଲୋଚନା କରିବା ପାଇଁ ଏକ ସର୍ବଦଳୀୟ ବୈଠକ ହେବା ଉଚିତ। ସମସ୍ତଙ୍କ ମତାମତ ନିଆଯିବା ଉଚିତ । ଏବଂ ଏହାକୁ ନିର୍ବାଚନ କିମ୍ବା ଭୋଟ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ୍ ନୁହେଁ । ଏହା ସତର୍କତା ଏବଂ ବୁଝାମଣାର ସହିତ କରାଯିବା ଉଚିତ । ଶତ୍ରୁଘ୍ନ କହିଛନ୍ତି, ଯଦି ଏହାକୁ ଆଲୋଚନା ପରେ ସତର୍କତାର ସହ କାର୍ଯ୍ୟକାରୀ କରାଯାଏ, ତେବେ ଏହାର ସକାରାତ୍ମକ ଫଳାଫଳ ମିଳିବ। ଶତ୍ରୁଘ୍ନ ସିହ୍ନା ପୂର୍ବରୁ ବିଜେପି ନେତା ଥିଲେ । କିନ୍ତୁ ବିଜେପି ନେତୃତ୍ୱଠାରୁ ବହୁତ ଦୂରତା ପରେ, ସେ ଏପ୍ରିଲ ୨୦୧୯ରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ପରେ ମାର୍ଚ୍ଚ ୨୦୨୨ରେ ସେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ । ସେ ଏପ୍ରିଲ ୨୦୨୨ରେ ଆସାନସୋଲ ଲୋକସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ବିଜେପିକୁ ପରାସ୍ତ କରିଥିଲେ ।

୧୨ରୁ ମୋଦୀଙ୍କ ୩ ଦିନିଆ ଗସ୍ତ

ଆମେରିକା ସହ ହେବ ବାଣିଜ୍ୟ ଆଲୋଚନା

ୱାସିଂଟନ,୫।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଫେବୃଆରୀ ୧୨ ତାରିଖରେ ଆମେରିକା ଗସ୍ତ କରିବେ । ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ମୋଦୀଙ୍କ ଗୁରୁବପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । ଫ୍ରାନ୍ସ ଗସ୍ତ ପରେ ମୋଦୀ ଫେବୃଆରୀ ୧୨ ସନ୍ଧ୍ୟାରେ ୱାସିଂଟନ୍ ପହଞ୍ଚିବେ ଏବଂ ଫେବୃଆରୀ ୧୪ ପର୍ଯ୍ୟନ୍ତ ସେ ଆମେରିକାରେ ରହିବେ । ଆମେରିକୀୟ କର୍ପୋରେଟ୍ ନେତାଙ୍କ ସହ ମଧ୍ୟ ମୋଦୀଙ୍କ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ରହିଛି । ଭାରତୀୟ

ସମୁଦାୟଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଭେଟିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବାପରେ ମୋଦୀ ଟ୍ରମ୍ପଙ୍କ ସହ ଫୋନ୍ କରି କଥା ହୋଇଥିଲେ ଏବଂ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । କଥାବାର୍ତ୍ତା ପରେ ଟ୍ରମ୍ପ୍ କହିଥିଲେ ଯେ ମୋଦୀ ଫେବୁଆ।ରିରେ ହ୍ୱାଇଟ୍ ହାଉସ୍ ଗସ୍ତ କରିପାରନ୍ତି । ମୋଦୀଙ୍କ ଗସ୍ତ ଅବସରରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କ ଏବଂ ସାମରିକ ସହଯୋଗ ନେଇ ନେଇ କେତେକ ଗୁରୁବପୂର୍ଣ୍ଣ ନିଷ୍ପତ୍ତି ହୋଇପାରେ । ମଧ୍ୟପ୍ରାଚ୍ୟ ସ୍ଥିତି, ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମେତ ବିଭିନ୍ନ ସାଂପ୍ରତିକ ବୈଶ୍ୱିକ ସଙ୍କଟ ନେଇ ମଧ୍ୟ ଉଭୟ ନେତା ଆଲୋଚନା କରିପାରନ୍ତି ।

ଗୁଜରାଟରେ ଲାଗିବ ୟୁସିସି

ନୂଆଦିଲ୍ଲୀ,୫।୨(ଏଜେନ୍ସି): ଉତ୍ତରାଖଣ୍ଡ ପରେ ଗୁଜରାଟ । ରାଜ୍ୟରେ ୟୁସିସି ଲାଗୁ ପାଇଁ କମିଟି ଗଠନ କଲେ ଗୁଜରାଟ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏକ ୫ ଜଣିଆ ଡ୍ରାଫ୍ଟ କିମଟି ଗଠନ କରିଛନ୍ତି । ୟୁସିସି ଲାଗୁ କରିବା ନେଇ ଏହି କମିଟିର ରିପୋର୍ଟ ପରେ ରାଜ୍ୟରେ ୟୁସିସି ଲାଗୁ କରାଯିବ ବୋଲି କହିଛନ୍ତି ଭୁପେନ୍ଦ୍ର ପଟେଲ । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନ ଦେଶାଇଙ୍କ ଅଧ୍ୟକ୍ଷତାରେ କିମିଟି ଗଠନ କରାଯାଇଛି । ଏହି କମିଟି ୪୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ । ରିପୋର୍ଟରେ କରାଯାଇଥିବା ସୁପାରିଶ ଆଧାରରେ ଆଇନ ଆସିବ ବୋଲି କହିଛନ୍ତି

ଗୁଜରାଟ ମୁଖ୍ୟମନ୍ତ୍ରୀୟ ୨୦୨୨ରେ ୟୁସିସି ଉପରେ ଅଧିକ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରିବାକୁ ଗୁଜରାଟ ବିଧାନସଭାରେ ସ୍ୱୀକୃତି ପାଇଥିଲା । ୟୁସିସି ତଥା ଏକକ ଆଇନ ବ୍ୟବସ୍ଥା ଦ୍ୱାରା ରାଜ୍ୟର ସବୁ ନାଗରିକଙ୍କ ପାଇଁ ସମାନ ଆଇନ ବ୍ୟବସ୍ଥା ଲାଗୁ କରାଯିବ । ଚଳିତ ବର୍ଷ ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡର ବିଜେପି ସରକାର ୟୁସିସି ଲାଗୁ କରିଛନ୍ତି ।

୧୦ ବର୍ଷ ପରେ କରାଚୀ ଏବଂ ଢାକା ମଧ୍ୟରେ ସିଧାସଳଖ ବିମାନ ସେବା

ଢାକା,୫।୨(ଏଜେନ୍ସି): ବାଂଲାଦେଶର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର କରାଚୀ ଏବଂ ଢାକା ମଧ୍ୟରେ ସିଧାସଳଖ ବିମାନ ସେବା ପାଇଁ ଏକ ପାକିସ୍ତାନୀ ଘରୋଇ ବିମାନ କମ୍ପାନୀକୁ ଅନୁମୋଦନ ଦେଇଛନ୍ତି । ଦଶନ୍ଧି ପରେ ବାଂଲାଦେଶ-ପାକିସ୍ତାନର ଦୁଇଟି ପ୍ରମୁଖ ସହର ମଧ୍ୟରେ ବିମାନ ସଂଯୋଗ ପୁନଃସ୍ଥାପନ ପାଇଁ ବାଟ ଖୋଲିଛି । ଗତ କିଛି ମାସ ମଧ୍ୟରେ ବାଂଲାଦେଶ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ଦ୍ରୁତ ଉନ୍ନତି ହୋଇଛି । ଏହି ନିଷ୍ପତ୍ତି ମଧ୍ୟ ଏଦିଗରେ ଏକ ବଡ଼ ପଦକ୍ଷେପ । ଗତ ବର୍ଷ ଅଗଷ୍ଟ ମାସରେ ବ୍ୟାପକ ବିରୋଧ ପ୍ରଦର୍ଶନ ପରେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାରର ପତନ ଘଟିଥିଲା। ଶେଖ ହସିନାଙ୍କୁ ଭାରତ-ସମର୍ଥକ ଭାବରେ ଦେଖାଯାଏ । ହସିନାଙ୍କ ପରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସ୍ ପାକିସ୍ତାନ ସହିତ ସମ୍ପର୍କ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛନ୍ତି । ଦି ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ବାଂଲାଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି)ର ଅଧ୍ୟକ୍ଷ ଏୟାର ଭାଇସ୍ ମାର୍ଶାଲ୍ ମହମ୍ମଦ ମଞ୍ଜୁର କବୀର କହିଛନ୍ତି ଯେ,

ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତି

ଆଜି ଭାରତ-ଇଂଲଣ୍ଡ ପ୍ରଥମ ଦିନିକିଆ

ସ୍ଥାନ-ନାଗପୁର
ସମୟ-ଦିବା ୧ଟା୩୦
ପ୍ରସାରଣ-ଜିଓ କ୍ରିକେଟ

ନାଗପୁର,୫।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ସିରିଜ ଭାବେ ଭାରତ ଆସନ୍ତାକାଲିଠୁ ଇଂଲଣ୍ଡକୁ ଭେଟିବ। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ନାଗପୁରରେ ଖେଳାଯିବ।

ଭାରତ ପାଇଁ ଅଶୁଭ ସଂକେତ ହେଉଛି ଷ୍ଟାର୍ ପେସର୍ ଜସ୍‌ପ୍ରୀତ ବୁମରା ।ଫିଟ୍‌ନେସ କାରଣରୁ ଫେବୃଆ।ରୀ ୬ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବୁମରାଙ୍କୁ ଟିମ୍‌ରୁ ହଟାଇ ଦିଆଯାଇଛି। ଏହା ପୂର୍ବରୁ ତାଙ୍କୁ ଦିନିକିଆ ସିରିଜ୍‌ର ଶେଷ ତଥା ତୃତୀୟ ମ୍ୟାଚ୍‌ରେ ସାମିଲ୍ କରାଯାଇଥିଲା ।ଏହାପରେ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ। ସିରିଜର ଶେଷ ମ୍ୟାଚ୍ ଖେଳି ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା ହେଲେ ମଙ୍ଗଳବାର ବିସିସିଆଇ ନୂଆ ସଂଶୋଧିତ ଟିମ୍ ତାଲିକା ଜାରି କରିଛି। ଏଥିରେ ବୁମରାଙ୍କ ବଦଳରେ ବରୁଣ ଚକ୍ରବର୍ତ୍ତୀଙ୍କୁ ସାମିଲ୍ କରାଯାଇଛି। ସେହିପରି ବ୍ୟାଟ୍‌ମ୍ୟାନ୍ ଭାବେ ଓପନର ଭାବେ ଗିଲ୍ ଓ ରୋହିତଙ୍କୁ ଦେଖିବାକୁ ମିଳିବ। ଫଳରେ ଯଶସ୍ୱୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ସେହିପରି ଚୂଡ଼ାନ୍ତ ଏକାଦଶରେ ବିରାଟ କୋହଲି, ଶ୍ରେୟସ୍ ଆୟର, କେ.ଏଲ୍ ରାହୁଲ (ଡବ୍ଲୁ.କେ) ଋଷଭ ପନ୍ତ (ୱିକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇବା ପକ୍କା। ବୋଲର ଭାବେ ମହମ୍ମଦ୍ ଶାମୀ, ଅର୍ଶଦୀପ ସିଂ, କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିବ। ତେବେ ଅକ୍ଷର ପଟେଲ୍ ଓ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ।

ଇଂଲଣ୍ଡ କ୍ରିକେଟ୍ ଦଳ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଜୋସ୍ ବଟଲରଙ୍କ ଅଧିନାୟକତ୍ୱରେ ଦ୍ରୁତ ବୋଲର ଜୋଫ୍ରା ଆ।ର୍ଚରଙ୍କୁ ଦଳରେ ସୁଯୋଗ ଦିଆଯାଇଛି। ସେହିପରି, ଅଭିଜ୍ଞ ଖେଳାଳି ଜୋ ରୁଟ୍ ବହୁତ ଦିନ ପରେ ଫେରିଛନ୍ତି ରୁଟ୍। ଇଂଲଣ୍ଡ ପାଇଁ ତାଙ୍କର ଶେଷ ଦିନିକିଆ ନଭେମ୍ବର ୨୦୨୩ରେ ଖେଳିଥିଲେ। ସେ ଏହି ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳିଥିଲେ ଏବେ ସେ ଫେରି ଆସିଛନ୍ତି। ଇଂଲଣ୍ଡ ମଧ୍ୟ ଟି-୨୦ ସିରିଜରେ ଖେଳିଥିବା ଅନେକ ଖେଳାଳିଙ୍କୁ ପାଇଁ ସୁଯୋଗ ଦେଇଛି। ଯଦି ଆମେ ଗୁରୁବାର ନାଗପୁରରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ପ୍ଲେଇଂ ଇଲେଭେନକୁ ଦେଖିବା, ତେବେ ଓପନର ବେନ୍ ଡକେଟ ଏବଂ ଫିଲିପ୍ ସଲ୍ଟଙ୍କୁ ସୁଯୋଗ ଦିଆଯାଇଛି। ସଲ୍ଟ ଏବଂ ଡକେଟ ଏକଦିବସୀୟ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ଏହି ଦୁଇ ଖେଳାଳି ଅନେକ ଥର ଭଲ ପ୍ରଦର୍ଶନ କରିଛନ୍ତି। ହ୍ୟାରି ବ୍ରୁକ୍ ମଧ୍ୟ ପ୍ଲେଇଂ ଇଲେଭେନର ଅଂଶ ଅଛନ୍ତି। ଲିଆମ ଲିଭିଂଷ୍ଟୋନଙ୍କ ଯୋଗୁଁ ଇଂଲଣ୍ଡର ମଧ୍ୟକ୍ରମ ବହୁତ ଶକ୍ତିଶାଳୀ ହୁଏ ସେ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଛନ୍ତି। ଲିଭିଙ୍ଗ୍‌ଷ୍ଟୋନ୍ ୩୩ଟି ଦିନିକିଆ। ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୮୪୪ ରନ କରିଛନ୍ତି। ସେ ଗୋଟିଏ ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଲିଭିଙ୍ଗ୍‌ଷ୍ଟୋନ୍ ଜଣେ ଅଲରାଉଣ୍ଡର ଭୂମିକା ନିର୍ବାହ କରିବା ସହିତ ୨୧ଟି ୱିକେଟ୍ ମଧ୍ୟ ନେଇଛନ୍ତି। ଜାକବ ବେଥେଲକୁ ମଧ୍ୟ ସୁଯୋଗ ମିଳିଛି। ସେ ଇଂଲଣ୍ଡ ପାଇଁ ୮ଟି ଦିନିକିଆ। ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୪ଟି ୱିକେଟ୍ ନେଇଛନ୍ତି।

ଭାରତ ବିପକ୍ଷରେ ନାଗପୁର ଦିନିକିଆ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ - ବେନ୍ ଡକେଟ, ଫିଲିପ୍ ସଲ୍ଟ, ଜୋ ରୁଟ୍, ହ୍ୟାରି ବ୍ରୁକ୍, ଜୋସ୍ ବଟଲର୍ (ଅଧିନାୟକ), ଲିଆ।ମ୍ ଲିଭିଙ୍ଗ୍‌ଷ୍ଟୋନ୍, ଜାକବ୍ ବେଥେଲ୍, ବ୍ରାଇଡନ୍ କାର୍ସେ, ଜୋଫ୍ରା ଆ।ର୍ଚର, ଆଦିଲ୍ ରସିଦ୍ ଏବଂ ସାକିବ୍ ମହମୁଦ।

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ସଂଶୋଧିତ ଭାରତୀୟ ଦଳ-

ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ବିରାଟ କୋହଲି, ଶ୍ରେୟସ୍ ଆ।ୟର, କେ.ଏଲ୍ ରାହୁଲ (ଡବ୍ଲୁ.କେ) ଋଷଭ ପନ୍ତ (ୱିକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ହର୍ଷିତ ରାଣା, ମୋହମ୍ମଦ୍ ଶାମୀ, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

ରାଙ୍କିଙ୍ଗରେ ରେକର୍ଡ କଲେ ଅଭିଷେକ ଶର୍ମା

୩୮ ଖେଳାଳିଙ୍କୁ ପକାଇଲେ ପଛରେ, ସୂର୍ଯ୍ୟ କୁମାରଙ୍କୁ ମଧ୍ୟ ଟପିଲେ

ନୂଆଦିଲ୍ଲୀ,୫।୨(ଏଜେନ୍ସି): ଟିମ୍ ଇଣ୍ଡିଆ ଓପନର ଅଭିଷେକ ଶର୍ମା ଇଂଲଣ୍ଡ ବିପକ୍ଷ ଟି-୨୦ରେ କରିଥିଲେ ଦମଦାର୍ ପ୍ରଦର୍ଶନ। ଏବେ ତାଙ୍କୁ ଏହାର ପୁରସ୍କାର ରାଙ୍କିଂରେ ମିଳିଛି ଅଭିଷେକ ଶର୍ମା ୩୮ ଜଣ ପ୍ଲେୟରଙ୍କୁ ପଛରେ ପକାଇଛନ୍ତି। ଆଉ ନମ୍ବର ୨ରେ ନିଜର ସ୍ଥାନ ପକ୍କା କରିଛନ୍ତି ଅଭିଷେକ ଶର୍ମା ଗତକିଛି ଦିନ ମଧ୍ୟରେ ଏତେ ଭଲ ବ୍ୟାଟିଂ କରିଛନ୍ତି ଯେ ତାଙ୍କର ଦବଦବା ଏବେ ରାଙ୍କିଙ୍ଗରେ ମଧ୍ୟ ଦେଖିବାକୁ ମିଳିଛି।

ଭାରତର ଏହି ବାମହାତୀ ଓପନର ସଦ୍ୟତମ ଟି-୨୦ ରାଙ୍କିଙ୍ଗରେ ନମ୍ବର ୨ ସ୍ଥାନ ହାସଲ କରିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ଖେଳାଳି ଗତ ସପ୍ତାହ ପର୍ଯ୍ୟନ୍ତ ୪୦ ନମ୍ବରରେ ଥିଲେ। କିନ୍ତୁ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ଚମତ୍କାର ପ୍ରଦର୍ଶନ ପରେ ସେ ଏବେ ୩୮ ଖେଳାଳିଙ୍କୁ ପଛରେ ପକାଇ ନମ୍ବର ୨ରେ ପହଞ୍ଚିଛନ୍ତି।

ଅଭିଷେକ ଶର୍ମା ଟି-୨୦ ରାଙ୍କିଙ୍ଗରେ ଅନେକ ଅଭିଜ୍ଞ ଖେଳାଳିଙ୍କୁ ପଛରେ ପକାଇଛନ୍ତି। ଅଭିଷେକ ଶର୍ମା ଫିଲ୍ ସଲ୍ଟ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ, ଜସ୍ ବଟଲର୍, ବାବର ଆଜମ, ମହମ୍ମଦ ରିଜାନଙ୍କ ଭଳି ମହାନ ଖେଳାଳିଙ୍କୁ ପଛରେ ପକାଇଛନ୍ତି। ଅଭିଷେକ ଶର୍ମାଙ୍କ ସଦ୍ୟତମ ରାଙ୍କିଙ୍ଗ୍ ୨ ଏବଂ ତାଙ୍କର ରେଟିଂ ପଏଣ୍ଟ ୮୨୯ ହୋଇଛି। ଅଭିଷେକଙ୍କ ଆଗରେ ରହିଛନ୍ତି ଟ୍ରାଭିସ୍ ହେଡ୍ ସେ ୮୫୫ ରେଟିଂ ପଏଣ୍ଟ ସହିତ ନମ୍ବର ୧ରେ ରହିଛନ୍ତି। ଯଦି ଅଭିଷେକ ଆଉ ଗୋଟିଏ ଟି-୨୦ ସିରିଜରେ ଭଲ ପ୍ରଦର୍ଶନ କରନ୍ତି, ତେବେ ସେ ଟ୍ରାଭିସ୍ ହେଡଙ୍କୁ ମଧ୍ୟ ପଛରେ ପକାଇଦେବେ।

ଅଭିଷେକ ଶର୍ମା ଇଂଲଣ୍ଡ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ସେ ୩୮ ଜଣ ଖେଳାଳିଙ୍କୁ ହରାଇଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଭିଷେକ ଶର୍ମା ୫୫.୮୦ ହାରରେ ୨୭୯ ରନ୍ କରିଥିଲେ। ତାଙ୍କ ବ୍ୟାଟରୁ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ଆସିଥିଲା। ଅଭିଷେକ ତାଙ୍କ ଇନିଂସରେ ୨୨ଟି ଛକା ଏବଂ ୨୪ଟି ଚୌକା ମାରିଥିଲେ ହେଡ୍ ଏବଂ ଅଭିଷେକ ଶର୍ମାଙ୍କ ବ୍ୟତୀତ ସମସ୍ତ ଖେଳାଳି ଟି-୨୦ ରାଙ୍କିଙ୍ଗରେ କ୍ଷତି ସହିଛନ୍ତି।

ତିଲକ ବର୍ମା ଗୋଟିଏ ସ୍ଥାନ ଖସି ତୃତୀୟ ସ୍ଥାନରେ ରହିଛନ୍ତି। ସଲ୍ଟ ଚତୁର୍ଥ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ପଞ୍ଚମ ସ୍ଥାନରେ ରହିଛନ୍ତି। ଜସ୍ ବଟଲର୍ ଷଷ୍ଠ, ବାବର ୭ମ, ନିସାଙ୍କ ୮ମ, ରିଜାନ ୯ମ ଏବଂ କୁସାଲ ପରେରା ୧୦ମ ସ୍ଥାନରେ ଅଛନ୍ତି ଅଲରାଉଣ୍ଡରଙ୍କ ରାଙ୍କିଙ୍ଗରେ ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷରେ ରହିଛନ୍ତି। ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଡ୍ରାକ୍ଲବ୍ କ୍ରିକେଟ

କେ ଟି ଗ୍ଲୋବାଲ କ୍ଲବ୍ ବିଜୟୀ

ଖୋର୍ଦ୍ଧା,୫।୨: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଡ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଦିଷ୍ଟ୍ରୀକ୍ଟ ଅନୁକୂଲ୍ୟରେ ଚତୁର୍ଦ୍ଦଶ ଦିବସ ଖେଳରେ କେ ଟି ଗ୍ଲୋବାଲ କ୍ରିକେଟ କ୍ଲବ୍ ଜଟଣୀ କ୍ରିକେଟ ଏକାଡେମି କୁ ୮ ୱିକେଟ ରେ ପରାସ୍ତ କରିଛି ଟସ୍‌ରେ ବିଜୟ ହୋଇ ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୦ ରନ କରିଥିଲେ। ଦଳ ପକ୍ଷରୁ ଓମ୍ ସାହୁ ୨୦ ରନ୍ କରିଥିବାବେଳେ କେ ଟି ଗ୍ଲୋବାଲ ତରଫରୁ ବର୍କତୁଲ୍ଲା ୫ ଟି ୱିକେଟ ନେଇଥିଲେଜବାବରେ କେ ଟି ଗ୍ଲୋବାଲ ଦଳ ୧୦.୩ ଓଭର ରେ ୨ ଟି କେଟ୍ ହରାଇ ଆ।ବଶ୍ୟକ ୧୦୧ ରନ୍ କରିନେଇଥିଲେ।

ଦଳ ପକ୍ଷରୁ ଇଭାନ କଳାପାହାଡ଼ ୬୨ ରନ ଓ ସ୍ୱର୍ଣ୍ଣାଭ ଦାସ ଅପରାଜିତ ୩୦ ରନ ସଂଗ୍ରହ କରିଥିଲେ। ଖେଳକୁ ପ୍ରତିରଞ୍ଜନ ବିଜୟଶିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ସୁଧୀର ସାହୁ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ୦୬/୦୨/୨୫ ରେ ଅନ୍ତିମ ଲିଗ୍ ମ୍ୟାଚ୍ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବନାମ ବ୍ଲୁ ବାର୍ଡ କ୍ଲବ୍ ଗୁରୁଜଙ୍ଗ ମଧ୍ୟରେ ହେବ ବୋଲି ଚଣ୍ଡୀ ପ୍ରସାଦ ଆ।ଚାର୍ଯ୍ୟ ଜଣାଇଛନ୍ତି।

କଳିଙ୍ଗା ମହାବିଦ୍ୟାଳୟ ଚମ୍ପିଅନ

ଘୁଉଦୟଗିରି,୫।୨: ଘୁଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ପକ୍ଷରୁ ଶ୍ରୀନିବାସ ଓ ସିମାଞ୍ଚଳ ଦ୍ୱିତୀୟ ମେମୋରିଆ।ଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତା ୧୬ଟି ଦଳକୁ ନେଇ ଆ।ୟୋଜିତ ହୋଇଥିବା ବେଳେ ଶେଷ ଦିବସରେ ଡେ ନାଇଟ୍ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କଳିଙ୍ଗା ମହାବିଦ୍ୟାଳୟ ସହିତ ରୁଦାଙ୍ଗିଆ। ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା ଓ ଶେଷରେ କଳିଙ୍ଗା ମହାବିଦ୍ୟାଳୟ ଦଳ ଚମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପଧ୍ୟକ୍ଷା ସାଧବାଣୀ ନାୟକ,ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଶିକ୍ଷକ ତଥା କ୍ରୀଡାବି୍ଦ ରୁପେସ କୁମାର ନାୟକ, ସମାଜସେବୀ ପାପା ଭାଇ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଦିନିକିଆ ଟିମ ପାଇଁ ବଦଳିଲା ଜର୍ସି

ନୂଆଦିଲ୍ଲୀ,୫।୨:ନାଗପୁରରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚରେ ଟିମ୍ ଇଣ୍ଡିଆ।ର ଖେଳାଳିମାନଙ୍କୁ ନୂତନ ଜର୍ସିରେ ଦେଖିବାକୁ ପାଇବେ। ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯିବ ବିସିସିଆ।ଇ ଦଳର ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର ଜର୍ସି ପ୍ରସ୍ତୁତ କରିଛି ଜର୍ସିର କାନ୍ଧ ପାର୍ଶ୍ୱରେ ତ୍ରିରଙ୍ଗା ପତାକା ସଦୃଶ ଡିଜାଇନ ହୋଇଛି। ମହିଳା କ୍ରିକେଟ ଦଳ ଏହି ଜର୍ସି ପୂର୍ବରୁ ପାଇସାରିଛି। କିନ୍ତୁ ପୁରୁଷ କ୍ରିକେଟ ଦଳକୁ ଏବେ ଏକ ନୂତନ ଜର୍ସିରେ ଦେଖିବାକୁ ମିଳିବ ବିସିସିଆଇ ଖେଳାଳିମାନଙ୍କ ଫଟୋ ସେୟାର କରିଛି।

ଟିମ୍ ଇଣ୍ଡିଆର ଜର୍ସିର ମୁଖ୍ୟ ରଙ୍ଗ ନୀଳ କିନ୍ତୁ ଏହାକୁ ଏକ ସ୍ୱତନ୍ତ୍ର ଉପାୟରେ ଡିଜାଇନ୍ କରାଯାଇଛି। କାନ୍ଧରେ ତ୍ରିରଙ୍ଗା ତିଆ।ରି କରାଯାଇଛି। ଏହାର ଉପର ଭାଗରେ କେସର ରଙ୍ଗ ଏବଂ ମଝିରେ ଧଳା ରଙ୍ଗ ରଖାଯାଇଛି। ଏହା ପରେ, କାନ୍ଧର ତଳ ଅଂଶରେ ସବୁଜ ରଙ୍ଗ ରଖାଯାଇଛି ଜର୍ସିରେ ଦୁଇ ପ୍ରକାରର ନୀଳ ରଙ୍ଗ ଅଛି। ଏହାର ଅଧିକାଂଶ ରଙ୍ଗ ହାଲୁକା ଆ।କାଶ ନୀଳ ଯେତେବେଳେ ବର୍ଡ଼ର ଲାଇନକୁ ଗାଢ଼ ନୀଳ ରଙ୍ଗ ରଖାଯାଇଛି। ଭାରତୀୟ ଦଳର ନୂତନ ଜର୍ସି ପୁରୁଣା ଜର୍ସିଠାରୁ ଟିକିଏ ଭିନ୍ନ ଏଥିରେ ତ୍ରିରଙ୍ଗାର ଡିଜାଇନ୍ ପରିବର୍ତ୍ତନ କରାଯାଇଛି। ଏହା ସହିତ, ଏହାର କପଡ଼ା ମଧ୍ୟ ଭିନ୍ନ ଏହା ଏକ ବିଶେଷ ପ୍ରକାରର କପଡ଼ାରୁ ପ୍ରସ୍ତୁତ କରାଯାଇଛି। ଏହାକୁ ତିଆ।ରି କରିବା ସମୟରେ, ଖେଳାଳିମାନଙ୍କ ଆ।ରାମର ବିଶେଷ ଧ୍ୟାନ ଦିଆଯାଇଛି। ଜର୍ସିର ଉପର ଭାଗରେ ବିସିସିଆ।ଇ ଲୋଗୋ ମଧ୍ୟ ମୁଦ୍ରିତ ହୋଇଛି। ଏଥିରେ ଦୁଇଟି ତାରା ଚିହ୍ନିତ ଅଛି ଏହା ଆ।ଇସିସି ଟ୍ରଫିର ପ୍ରତୀକ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକ ଦିନିକିଆ। ସିରିଜ୍ ଖେଳାଯିବ ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ନାଗପୁରରେ ଖେଳାଯିବ। ଏହା ପରେ ଦ୍ୱିତୀୟ ମ୍ୟାଚ୍ ରବିବାର କଟକରେ ଅନୁଷ୍ଠିତ ହେବ। ତୃତୀୟ ଏବଂ ଶେଷ ମ୍ୟାଚ୍ ଫେବୃଆ।ରୀ ୧୨ ତାରିଖରେ ଅହମ୍ମଦାବାଦରେ ଖେଳାଯିବ।

ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ନବରଙ୍ଗପୁର,୫।୨: ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୩ ଦିନିଆ। ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ରେ ମଙ୍ଗଳବାର ଆ।ରମ୍ଭ ହୋଇଛି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ଏମ୍‌ପି ପ୍ରତିନିଧି ବାସନ୍ତୀ ମାଝୀ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଡିଇଓ ଛତ୍ରପତି ସାହୁ ଓ ମଙ୍ଗଳ ବିଭାଗ ଭାଗ ଅଧୀନ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଉପସ୍ଥିତ ଥିଲେ। କ୍ରୀଡ଼ା ମଶାଲକୁ ପୂଜାର୍ଚ୍ଚନା ପରେ ମଞ୍ଚରେ ସ୍ଥାପନ କରା ଯାଇଥିଲା ଜିଲାର ୧୦ ବ୍ଲକରୁ ଆ।ସିଥିବା ୧୦୦୮ ଜଣ ଛାତ୍ରୀ ଛାତ୍ରାତ୍ର ପରେଡ୍ କରିଥିଲେ ।ପରେ ୧୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇଜମ୍ପ, ସଟ୍‌ପୁଟ ପ୍ରତିଯୋଗିତା କରାଯାଇଥିଲା

ଆନ୍ତର୍ଜାତୀୟ ଟାଏକୋଣ୍ଡୋରେ ବିଶ୍ୱରଞ୍ଜନଙ୍କୁ ରୌପ୍ୟ ପଦକ

ଖୋର୍ଦ୍ଧା,୫।୨: ନେପାଳର ପୋଖରା ଠାରେ ଜାନୁୟାରୀ ୨୮ ରୁ ଫେବୃଆ।ରି ୧ ତାରିଖ ପର୍ଯ୍ୟନ୍ତ ଆ।ନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସିନିୟର ବାଳକ ବିଭାଗ ରେ ଏକେଏସ୍ ଟାଏକୋଣ୍ଡୋ ଏକାଡେମି ର ବିଶ୍ରଞ୍ଜନ ଅମରଦୀପ୍ ଆ।ନ୍ତର୍ଜାତୀୟ ସ୍ତର ରେ ପୁମ୍‌ସେ ସେ ବିଭାଗ ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁ ସମ୍ପାଦକ (ଖୋର୍ଦ୍ଧା ଜିଲ୍ଲା ଟାଏକୋଣ୍ଡୋ ଆ।ସୋସିଏସନ ର ପ୍ରତିଷ୍ଠାତା ତଥା ବିଶ୍ ଟାଏକୋଣ୍ଡୋ ମୁଖ୍ୟାଳୟ ଆ।ନ୍ତର୍ଜାତୀୟ ପ୍ରଶିକ୍ଷକ) ବିଶ୍ୱ ଟାଏକୋଣ୍ଡୋ ମହାସଂଘ ର ବିଚାରକ ଏବଂ ଦଳ ସଞ୍ଚାଳକ ଶ୍ରୀମତୀ ଭାରତୀ ଜଗଦେବ ଙ୍କ ନେତୃତ୍ୱରେ ସଫଳତା ହାସଲ କରି ଭାରତକୁ ଗୌରବନୀତ କରିଛନ୍ତି। ବିଶ୍ୱରଞ୍ଜନ ଖୋର୍ଦ୍ଧା ଜିଲ୍ଲା, ଗୁରୁଜଙ୍ଗ ଗ୍ରାମ ର ଦିଲ୍ଲୀପ କୁମାର ସାହୁ ଓ କଳ୍ପନା ମହାନ୍ତି ଙ୍କ କନିଷ୍ଠ ପୁତ୍ର ଅଟନ୍ତି. ସେ କଟକ ର ଦି ଲ ଆ।ଇନ ମହାବିଦ୍ୟାଳୟ (ସୁକୃତୀ ପ୍ରାପ୍ତ ମଧୁସୂଦନ ଆ।ଇନ ମହାବିଦ୍ୟାଳୟ) ର ଶେଷ ବର୍ଷ ର ଛାତ୍ର ଅଟନ୍ତି. ଦି ଲ ଆ।ଇନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଏସ୍ କେ ରାୟ ଏବଂ ମଧୁସୂଦନ ଆ।ଇନ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର କମଳଜିତ ସିଂହ ଙ୍କ ଆ।ଶୀର୍ବାଦ ସହିତ ଜୀବନ ର ଲକ୍ଷ୍ୟ ପଥ ରେ ପହଞ୍ଚିବା ପାଇଁ ପ୍ରେରଣା ଦେଇଛନ୍ତି। ଭୁବନେଶ୍ୱର ର ସାଂସଦ ଶ୍ରୀମତୀ ଅପରାଜି